## ସଂକ୍ଷେପରେ

### ବସ୍ ପଛରେ ପିଟିହେଲା ବାଇକ୍

ଅନୁଗୋଳ ଅଫିସ, ୨।୯- ଅନୁଗୋଳ ପିଟିସି ସମ୍ମୁଖରେ ସୋମବାର ଏକ ବାଇକ୍ ବସ୍ ପଛରେ ପିଟି ହୋଇଯାଇଛି। ଘଟଣାରୁ ପ୍ରକାଶ, ବଅଁରପାଳ ଥାନା କେନ୍ଦୁପଲ୍ଲୀ ଅଞ୍ଚଳର ବାପି ମିଶ୍ର ବାଇକ୍ (ନଂ. ଓଡି-୧୫-ଏନ୍-୦୮୩୪)ରେ ଦୁଇ ଭଉଣୀଙ୍କୁ ଧରି ଅନୁଗୋଳରୁ ଘରକୁ ଫେରୁଥିବାବେଳେ ପିଟିସି ସାମ୍ନାରେ ଯାଉଥିବା ଏକ ଘରୋଇ ବସ୍ (ନଂ. ଓଡି-୧୯-୬୭୬୭) ହଠାତ ବ୍ରେକ୍ ମାରିଥିଲା। ଫଳରେ ପଛରେ ଆସୁଥିବା ବାପି ଭାରସ୍ୟାମ ହରାଇ ବସ୍ ପଛ ପଟେ ଧକ୍କା ହୋଇଥିଲେ। ଏଥିରେ ବାପି ଆହତ ହୋଇଛନ୍ତି। ତାଙ୍କ ଦୁଇ ଭଉଣୀ ସୁରକ୍ଷିତ ଥିବା ଜଣାପଡିଛି। ପୋଲିସ ପହଞ୍ଚି ବସ୍‌କୁ ଥାନାରେ ଅଟକ ରଖିଛି।

### ଟ୍ରାଫିକ ନିୟମ ମାନିବାକୁ ଜିଲା ପୋଲିସର ନିବେଦନ

ଅନୁଗୋଳ ଅଫିସ, ୨।୯- ସେପ୍ଟେମ୍ବର ୧ରୁ ଲାଗୁ ହୋଇଥିବା ନୂତନ ମୋଟର ଯାନ ସଂଶୋଧନ ଆଇନ-୨୦୧୯କୁ ମାନି ଗାଡ଼ି ଚାଳନା କରିବାକୁ ଅନୁଗୋଳ ଜିଲା ପୋଲିସ ପକ୍ଷରୁ ଗାଡ଼ିଚାଳକ ଓ ଗାଡ଼ି ମାଲିକମାନଙ୍କୁ ନିବେଦନ କରାଯାଇଛି। ନିୟମ ଖିଲାପକାରୀଙ୍କୁ ବର୍ଦ୍ଧିତ ହାରରେ ଅର୍ଥ ଜରିମାନା ଦେବାକୁ ପଡ଼ିବ। ତେଣୁ ସମସ୍ତେ ଟ୍ରାଫିକ ନିୟମ କଡ଼ାକଡ଼ି ଭାବେ ମାନିବାକୁ ପୋଲିସ ପକ୍ଷରୁ ଅବଗତ କରାଯାଇଛି। ଏହି ନିୟମ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀଙ୍କ ଅଭିଯୋଗ

# ମିଳୁନି ସହାୟତା, କାମ

(ଦୀନେଶ କୁମାର ଦେହୁରୀ)
ବନ୍ତଲା, ୨।୯


ମୁଖ୍ୟ ସ୍ରୋତକୁ ଫେରିଆସିଥିବା ଜଲି।

- ପୋଲିସ କ୍ୟାମ୍ପ ଛାଡ଼ି ଗାଁକୁ ପଳାଇଲେ
- ଜୀବନ ପ୍ରତି ବିପଦ ଥିବାରୁ ଅଛନ୍ତି ଆତଙ୍କିତ
- ଏସ୍‌ପି କହିଲେ ୨ ବର୍ଷରେ ଦିଆଯିବ ୨ ଲକ୍ଷ

ହିଂସାର ପଥ ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତକୁ ଫେରିଥିବା ଜଣେ ମହିଳା ମାଓବାଦୀଙ୍କୁ ଏଯାଏ ମିଳିନି ସମସ୍ତ ସରକାରୀ ସହାୟତା। ଏପରି କି ରହିବା ପାଇଁ ଘର କି ଚଳିବା ପାଇଁ କାମ ଯୋଗାଇ ଦିଆଯାଇ ନ ଥିବାରୁ ସେ ବାଧ ହୋଇ ପୋଲିସ କ୍ୟାମ୍ପ ଛାଡ଼ି ଘରକୁ ପଳାଇ ଯାଇଛନ୍ତି। ଅନୁଗୋଳ ଜିଲା ସାତକୋଶିଆ ଜଙ୍ଗଲ ମଧ୍ୟରେ ତାଙ୍କ ଗାଁ ହୋଇଥିବାରୁ ଜୀବନ ପ୍ରତି ବିପଦ ଥିବା ଅଭିଯୋଗ କରିଛନ୍ତି ପୁରୁଣାକୋଟ ଥାନା ମଝିପଡା ଗ୍ରାମର ଜଲି ଦେହୁରୀ (୧୮)।

ଜଲିଙ୍କ ଅଭିଯୋଗ ଅନୁଯାୟୀ, ୨୦୧୮ରେ ଅଭୟାରଣ୍ୟ ମଧ୍ୟରେ ମାଓବାଦୀ ବୈଠକ କରିବା ସହ ସରକାର, ପୋଲିସ, ବନ ବିଭାଗ ବିରୋଧରେ ବିଭିନ୍ନ କଥା କହି ଗାଁ ଲୋକଙ୍କୁ ନିଜ ସଙ୍ଗଠନ ଆଡକୁ ଆକର୍ଷିତ କରିଥିଲେ। ସେହି ସମୟରେ ସେ ଘର ଛାଡ଼ି ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ। ଦିନରାତି ଘଞ୍ଚ ଜଙ୍ଗଲ ପାହାଡ଼ରେ ବୁଲିବା ସହିତ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ରହିଥିଲେ। ଟିମ୍ ମୁଖ୍ୟ ସୁଶାନ୍ତ ଓ ଅନ୍ୟ ୩ ଝିଅଙ୍କ ସହ ତାଙ୍କୁ ମିଶାଇ ମୋଟ୍ ୧୦ ଜଣ ଗୋଟିଏ କ୍ୟାମ୍ପରେ ରହିଥିଲେ। ଦିନେ ଏସ୍‌ଓଜି ଓ ପୋଲିସ ସହିତ ମୁହାଁମୁହିଁ ହେବାରୁ ସେମାନେ ଅନ୍ୟ ଏକ ପାହାଡ଼କୁ ଖସି ଯାଇଥିଲେ। ମାଓବାଦୀ ସଙ୍ଗଠନରେ ମାସେ ରହିବା ପରେ ସେ ସମାଜର ମୁଖ୍ୟ ସ୍ରୋତକୁ ଫେରି ଆସିବାକୁ ନିଷ୍ପତ୍ତି ନେଇଥିଲେ। ଜଣେ ପୁରୁଷ ସାଥୀଙ୍କ ସହ ଲୁଚି ଚାଲିଆସି ଅନୁଗୋଳ ଡିଆଇଜି ଓ ତତ୍‌କାଳୀନ ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଆତ୍ମସମର୍ପଣ ବେଳେ ତାଙ୍କୁ ସରକାରୀ ସହାୟତା ସମ୍ପର୍କରେ ପ୍ରତିଶ୍ରୁତି ଦିଆଯାଇଥିଲା। ନିୟମ ଅନୁଯାୟୀ ୩ଲକ୍ଷ ୫୦ ହଜାର ଟଙ୍କା, ଅନୁଗୋଳ ସହରରେ ଜାଗା, ଘର ନିର୍ମାଣ ଓ ଚଳିବା ପାଇଁ କାମ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ତାଙ୍କ ସହ ଆତ୍ମସମର୍ପଣ କରିଥିବା ପୁରୁଷ ସାଥୀଙ୍କୁ ମଧ୍ୟ ଛେଳିଆପଡା ରିଜର୍ଭ କ୍ୟାମ୍ପରେ ରଖାଯାଇଥିଲା। ୨୦୧୮ ଅକ୍ଟୋବର ୫ରେ ଗୋଟିଏ କିସ୍ତିରେ ୯୮ ହଜାର ଓ ଆଉ ଏକ କିସ୍ତିରେ ୫୦ ହଜାର ଏପରି ମୋଟ୍ ୧ ଲକ୍ଷ ୪୮ ହଜାର ଟଙ୍କା ତାଙ୍କ ଆକାଉଣ୍ଟରେ ଜମା କରାଯାଇଥିଲା। କିନ୍ତୁ ଏହା ପରଠୁ ଆଉ କୌଣସି ସହାୟତା ତାଙ୍କୁ ଏଯାଏ ମିଳିନାହିଁ। ଏପରି କି ଶିମିଳିପଡାଠାରେ ସେ ଓ ତାଙ୍କ ପୁରୁଷ ସାଥୀ କରିଥିବା ଏକ ଚା ଦୋକାନକୁ ପୋଲିସ ପକ୍ଷରୁ ବନ୍ଦ କରି ଦିଆଯାଇଛି। ରୋଷେଇ କରି ଖାଇବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ସାମଗ୍ରୀ ଯୋଗାଣ ବ୍ୟତୀତ ଆଉ କିଛି ସହାୟତା ଦିଆ ନ ଯିବାରୁ ସେ ବାଧ ହୋଇ ସପ୍ତାହେ ହେଲା ନିଜ ଗାଁକୁ ଫେରିଛନ୍ତି। ମା' ବାପା ଗାଈ ଚରାଉଥିବା ବେଳେ ତାଙ୍କ ପରିବାରରେ ମୋଟ୍ ୧୦ ସଦସ୍ୟ ଅଛନ୍ତି। ତାଙ୍କ ଜୀବନ ପ୍ରତି ବିପଦ ରହିଛି। ତେଣୁ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ, ସହରରେ ଜାଗା ଓ ଚଳିବା ପାଇଁ କାମ, ବକେୟା ଅର୍ଥ ପ୍ରଦାନ କରାଗଲେ ସେ ଉପକୃତ ହେବା ସହିତ ଏହା ଅନ୍ୟ ମାଓବାଦୀଙ୍କୁ ସମାଜର ମୁଖ୍ୟ ସ୍ରୋତ ଆଡ଼କୁ ଆକର୍ଷିତ କରିପାରନ୍ତା ବୋଲି ଜଲି କହିଛନ୍ତି।

ଏ ସମ୍ପର୍କରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା କହିଛନ୍ତି, ଜଲିଙ୍କୁ ଜାଗା, ଘର, ପାଠପଢ଼ା, ବିବାହ ଓ ହାତ ଖର୍ଚ୍ଚ ପାଇଁ ଦେଢଲକ୍ଷ ଟଙ୍କା ଦିଆଯାଇଛି। ସରକାରୀ ନିୟମ ଅନୁଯାୟୀ ୨୦୧୯ ଅକ୍ଟୋବର ଓ ୨୦୨୦ ଅକ୍ଟୋବରରେ ଆଉ ୫୦ ହଜାର ଲେଖାଏ ଏବଂ ୨୦୨୧ ଅକ୍ଟୋବରରେ ଆଉ ଏକ ଲକ୍ଷ ଟଙ୍କା ଦିଆଯିବ। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ କହିଛନ୍ତି, ଜଲିଙ୍କ ଅଭିଯୋଗର ସତ୍ୟାସତ୍ୟ ପରଖିବା ପରେ ଯାହା କିଛି କୁହାଯାଇପାରିବ।

## ନାଲ୍‌କୋ ଅଫିସର୍ସ ଆସୋସିଏଶନ୍ ପ୍ରତିଷ୍ଠା ଦିବସ




ବଅଁରପାଳ, ୨।୯ (ଡି.ଏନ୍.ଏ.)

ନାଲ୍‌କୋ ଅଫିସର୍ସ ଆସୋସିଏଶନର ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିସହ ପ୍ରଭୁ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଆସୋସିଏଶନ୍ ସଭାପତି ପ୍ରସନ୍ନ କୁମାର ମଲ୍ଲିକ ସଭାପତିତ୍ୱ କରିଥିଲେ। ନାଲ୍‌କୋ ଇଡି ମନ୍‌ସା ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ମେଲଟର ମହାପ୍ରବନ୍ଧକ ମୃତ୍ୟୁଞ୍ଜୟ ଦାଶ, ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ, ଏନ୍.କେ. ମଣ୍ଡଳ, ସୁଧୀର ପଟ୍ଟନାୟକ, ସିପିପି ମହାପ୍ରବନ୍ଧକ ଅମ୍ବିକା ପ୍ରସାଦ ପଣ୍ଡା, ନାଲ୍‌କୋର ବରିଷ୍ଠ ପ୍ରବନ୍ଧକ ରାଜାରାମ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନାଲ୍‌କୋ ଅଫିସର୍ସଙ୍କ ବିଭିନ୍ନ ସମସ୍ୟା ଓ ଦାବି ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବନମାଳୀ ସେଠୀ, ସଂଘ ସାଧାରଣ ସମ୍ପାଦକ ନଳିନି ପଣ୍ଡା, କେ.କେ. ବେହେରା, ଗୌତମ ନାୟକ, ଏସ୍.କେ. ନାୟକ, ଅଜୟ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଚୋରି ଗାଡ଼ି ଉଦ୍ଧାର, ୨ କୋର୍ଟଚାଲାଣ

ଅନୁଗୋଳ ଅଫିସ, ୨।୯

ଅନୁଗୋଳ ଥାନା ଖଲାରୀ-ଶୁଣ୍ଟୁଡ଼ା ରୋଡରୁ ଗତ ୩୦ ତାରିଖରେ ଏକ ବୋଲେରୋ ଚୋରି ହୋଇଥିବା ଗାଡ଼ି ମାଲିକ ମହେନ୍ଦ୍ର ସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୬୭୬/୧୯ରେ ମାମଲା ରୁଜୁ କରି ଗାନ୍ଧୀମାର୍ଗ ଅଞ୍ଚଳରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ବୋଲେରୋ (ନଂ.ଓଆର୍-୧୯-ଇ-୪୪୧୯) ଉଦ୍ଧାର କରାଯିବା ସହ ଗୌରୀଲାଲ ଗୁପ୍ତା(୪୧) ଓ ଅଜୟ ସାହୁ(୪୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।


▲ଅନୁଗୋଳ ପ୍ରିନ୍ସ ଏଣ୍ଡ ପ୍ରିନ୍ସ କ୍ଲବ ହେମସୁରପଡ଼ା


▲ଜୁନିୟର ଲାୟନ୍ସ କ୍ଲବ ଅମଲାପଡ଼ା


▲ନେହେରୁ କ୍ଲବ ଶିମିଳିପଡ଼ା


▲ଅମଲାପଡ଼ା କ୍ଲବ


▲କ୍ଲବ ଗଣପତ୍


▲ମହାବିନାୟକ କ୍ଲବ ଅମଲାପଡ଼ା


▲ଆଲାମ କ୍ଲବ ହୁଲୁରିସିଂହା


▲ୟୁନାଇଟେଡ୍ ୟୁଥ କ୍ଲବ ହୁଲୁରିସିଂହା

## ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ



ଛେଣ୍ଡିପଦା, ୨।୯(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ କୋଶଳା ପଞ୍ଚାୟତ ଶିମିଳିସାହି ପ୍ରାଥମିକ ବିଦ୍ୟାଳୟର ନବ ନିର୍ମିତ ଶ୍ରେଣୀ ଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଗଣେଶ ପୂଜା ପାଳନ ଅବସରରେ ବିଧାୟକ ସୁଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଭାସ୍କର ସାହୁ, ବରିଷ୍ଠ ନେତା ପ୍ରଦୀପ କୁମାର ସାହୁ, ଯୁବନେତା ସନ୍ତୋଷ କୁମାର ଦେହୁରୀଙ୍କ ସମେତ ପରିଚାଳନା କମିଟିର ସଦସ୍ୟ ତଥା ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ସେହିପରି କୋଶଳା ପ୍ରାଥମିକ ବିଦ୍ୟାଳୟର ନବ ନିର୍ମିତ ଅତିରିକ୍ତ ଶ୍ରେଣୀଗୃହ ମଧ୍ୟ ଉଦଘାଟିତ ହୋଇଯାଇଛି।

## ନାଲ୍‌କୋ ପକ୍ଷରୁ ମାଗଣା ଔଷଧ ବଣ୍ଟନ

ବଅଁରପାଳ, ୨।୯(ଡି.ଏନ.ଏ)



ପାରିପାର୍ଶ୍ୱିକ ଗ୍ରାମର ଲୋକଙ୍କୁ ଔଷଧ ବଣ୍ଟନ କରାଯାଉଛି।

ନାଲ୍‌କୋ ବହିଃଚିକିତ୍ସା କେନ୍ଦ୍ରଠାରେ ସୋମବାର ନାଲ୍‌କୋ ପାରିପାର୍ଶ୍ୱିକ ୩୯ଟି ଗ୍ରାମର ଲୋକଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ନାଲ୍‌କୋ ଇଡି ମନସା ପ୍ରସାଦ ମିଶ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ପ୍ରକଳ୍ପ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ନାଲ୍‌କୋ ପକ୍ଷରୁ ସେବା ଯୋଗାଇ ଦିଆଯାଉଛି। ଏଥିସହ ନାଲ୍‌କୋଠାରେ ଗତ ୪ ବର୍ଷ ହେଲା ଏକ ବହିଃଚିକିତ୍ସାକେନ୍ଦ୍ର ସ୍ଥାପନ କରାଯାଇ ମାଗଣାରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ପରାମର୍ଶ ଦିଆଯାଉଛି। ଏଥିରେ ଭେଷଜ, ସ୍ତ୍ରୀ ଓ ପ୍ରସୂତି ଏବଂ ଶିଶୁ ବିଶେଷଜ୍ଞ ଡାକ୍ତରମାନେ ନିୟୋଜିତ ରହିଛନ୍ତି। ତେବେ ନାଲ୍‌କୋ ତରଫରୁ ସୋମବାରଠାରୁ ଅଞ୍ଚଳବାସୀ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ମାଗଣାରେ ଔଷଧ ପାଇବାର ବ୍ୟବସ୍ଥା ହୋଇଛି। ଏଭଳି ପଦକ୍ଷେପ ପାଇଁ ଅଞ୍ଚଳବାସୀ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ. ସାହୁ, ବରିଷ୍ଠ ପ୍ରବନ୍ଧକ ରାଜାରାମ ମିଶ୍ର, ଲୋକସମ୍ପର୍କ ଅଧିକାରୀ ସମୀର ମାଝି, ନାଲ୍‌କୋ ଅଧିକାରୀ ବି. ଆର. ପଟ୍ଟନାୟକ, ଅନୁଗୋଳ ଲାୟନ୍ସ କ୍ଲବର ପରମାନନ୍ଦ ମିଶ୍ର, ସଞ୍ଜୀବ ମାଣ୍ଡେଠିଆ, ପ୍ରଦୀପ ସେଠଙ୍କ ସମେତ ନାଲ୍‌କୋ ଫାଉଣ୍ଡେଶନ ଓ ଲାୟନ୍ସ କ୍ଲବର କର୍ମକର୍ତ୍ତା, ପାରିପାର୍ଶିକ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ସହରରୁ ପଲ୍ଲୀ ପୂଜା ପାଇଲେ ଗଜାନନ

ଅନୁଗୋଳ ଅଫିସ, ୨।୯

ଗଣେଶ ପୂଜା ପାଇଁ ଉତ୍ସବ ମୁଖର ହୋଇପଡ଼ିଛି ଅନୁଗୋଳ ସହର। ସହରଠାରୁ ଆରମ୍ଭ କରି ପଲ୍ଲୀ ପର୍ଯ୍ୟନ୍ତ ସବୁଆଡ଼େ ଗଜାନନଙ୍କ ଆରାଧନା ପାଇଁ ହୋଇଥିଲା ସ୍ୱତନ୍ତ୍ର ପ୍ରସ୍ତୁତି। ଝଲମଲ ଆଲୋକ ସାଙ୍ଗକୁ ରଙ୍ଗବେରଙ୍ଗର ତୋରଣ, ସୁସଜ୍ଜିତ ମୂର୍ତ୍ତି ବେଶ ଆକର୍ଷଣୀୟ ହୋଇଛି। ସହର ଓ ସହର ଉପକଣ୍ଠରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକରେ ପୂଜା ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଅନୁଗୋଳ ସରକାରୀ ବିଦ୍ୟାଳୟ, ବାଳିକା ବିଦ୍ୟାଳୟରେ ସକାଳୁ ଛାତ୍ରୀଛାତ୍ରମାନେ ନୂତନ ପୋଷକ ପରିଧାନ କରି ଗଣେଶ ପୂଜା ପାଇଁ ପହଞ୍ଚିଥିଲେ। ସେହିପରି ବିଭିନ୍ନ କ୍ଲବରେ ମଧ୍ୟ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳିତ ହୋଇଯାଇଛି। ସହରର ୧୭ଟି ମଣ୍ଡପରେ ଏହି ପୂଜା ପାଳନ କରାଯାଉଛି। ପ୍ରିନ୍ସ ଏଣ୍ଡ ପ୍ରିନ୍ସ କ୍ଲବ ହେମସୁରପଡ଼ା, ମେଘା କ୍ଲବ ଶିମିଳିପଡ଼ା, ନେହେରୁ କ୍ଲବ ଶିମିଳିପଡ଼ା, ଅମଲାପଡା କ୍ଲବ, ଜୁନିୟର ଲାୟନ୍ସ କ୍ଲବ ଅମଲାପଡ଼ା, ଗଣପତି କ୍ଲବ ଅମଲାପଡା, ମହାବିନାୟକ କ୍ଲବ ଅମଲାପଡା, ତୋଫାନ କ୍ଲବ ବଜାର ଛକ, ଆଲାମ କ୍ଲବ ହୁଲୁରୁସିଂହା, ୟୁନାଇଟେଡ ୟୁଥ କ୍ଲବ ଆଦିରେ ପୂଜା ପାଳନ କରାଯାଉଛି। ତେବେ ହୁଲୁରୁସିଂହାର ଆଲୋକସଜ୍ଜା ତୋରଣ ଲୋକଙ୍କୁ ଅଧିକ ଆକୃଷ୍ଟ କରିଥିବା ଦେଖିବାକୁ ମିଳିଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ବ୍ୟବସ୍ଥା ରହିଛି। ଅନୁଗୋଳ ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନରେ ପିସିଆର ପଇଁତରା ମାରୁଥିବାବେଳେ ସାଦା ପୋଷାକରେ ପୋଲିସ ସହରରେ ବୁଲୁଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି।

ଉତ୍ସବ ମୁଖର ଅନୁଗୋଳ


▲ତୋଫାନ କ୍ଲବ ବଜାର ଛକ


▲ମେଘା କ୍ଲବ ଶିମିଳିପଡ଼ା

## ସଂକ୍ଷେପରେ

### ଶିକ୍ଷକ ଆଭିମୁଖୀକରଣ କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୨।୯

ଅନୁଗୋଳ ଜିଲା ନାଲ୍‌କୋ କୁଲାଡ଼ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଠାରେ ଏକ ଶିକ୍ଷକ ଆଭିମୁଖୀକରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜାଭିୟରିଏନ୍ ଏଜୁକେଶନାଲ ଫାଉଣ୍ଡେଶନର ଅଧ୍ୟକ୍ଷ କୁଲଦୀପ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କର ଉନ୍ନତି ପାଇଁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ଗୁରୁଦାୟିତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ କିଭଳି ସୃଜନାତ୍ମକ ଶୈଳୀରେ ଶ୍ରେଣୀ ପରିଚାଳନା କରି ଶିକ୍ଷାଦାନ କରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନାଲ୍‌କୋ କୁଲାଡ଼ ଓ ଅନୁଗୋଳ ସ୍ଥିତ ମିଶ୍ରପଡ଼ା ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଦ୍ୱୟର ଅଧ୍ୟକ୍ଷ, ଉପାଧ୍ୟକ୍ଷ ତଥା ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ଆମ ଜଙ୍ଗଲ ଯୋଜନା ସମ୍ପର୍କିତ ବୈଠକ

ଛେଣ୍ଡିପଦା,୨।୯(ଡି.ଏନ.ଏ.)

ଛେଣ୍ଡିପଦା ବନାଞ୍ଚଳ ତଥା ପ୍ରକୃତି ପରିବେଶ ଓ ବନ୍ୟ ଜୀବନ ସମିତି ଅନୁଗୋଳ ମିଳିତ ଆନୁକୂଲ୍ୟରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରିତା ସମ୍ପର୍କିତ ଏକ ସ୍ୱତନ୍ତ୍ର ବୈଠକ ସ୍ଥାନୀୟ ବନାଞ୍ଚଳ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଛି। ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରିତା ଅଗ୍ରଗତି ତଥା ଏହାର ସଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ବନ ସୁରକ୍ଷା ସମିତି ମାଧମରେ ଜଙ୍ଗଲ ସୁରକ୍ଷା, ଜଙ୍ଗଲ ଅଭିବୃଦ୍ଧି, ବନ୍ୟ ଜୀବନ ସୁରକ୍ଷା ଆଦି ଉପରେ ଆଲୋକପାତ କରାଯାଇଥିଲା। ବୈଠକରେ ପ୍ରକୃତି ପରିବେଶ ଓ ବନ୍ୟ ଜୀବନ ସମିତି(ନିଉଜ) କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ପ୍ରସନ୍ନ କୁମାର ବେହେରା, ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ତଥା ପରିବେଶବିତ ପ୍ରଦୀପ କୁମାର ସାହୁ, ପରିବେଶବିତ ତଥା ସାମାଜିକ କର୍ମୀ ସୁଶୀଲ କୁମାର ପ୍ରଧାନ, ଟିମ ଲିଡର ଅଭୟ କୁମାର ଗାହାଣ, ବିକାଶ ଅଧିକାରୀ ଯଶୋବନ୍ତ ସାହୁ, ମନୋରଞ୍ଜନ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ, ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

■ଅବହେଳିତ ନୂଆହତା ଗୋଚ୍ଛାୟତସାହି

# ସୁଧୁରୁନି ରାସ୍ତା ସମସ୍ୟା



ଗୋଚ୍ଛାୟତ ସାହି ରାସ୍ତା କଦର୍ଯ୍ୟ ହୋଇପଡ଼ିଛି।

■ନଳକୂଅରୁ ବାହାରୁଛି ଲୁହାଗୁଣ୍ଡ

■କାର୍ଯ୍ୟକାରୀ ହେଉନି ପାଣି ପଏଣ୍ଟ

ବଅଁରପାଳ, ୨।୯ (ଡି.ଏନ୍.ଏ)

ସମସ୍ୟା ଘେରରୁ ମୁକୁଳି ପାରୁନି ବଅଁରପାଳ ବ୍ଲକ ମହକୁମା ନିକଟସ୍ଥ ନୂଆହତା ଗୋଚ୍ଛାୟତସାହି। ପାନୀୟ ଜଳ, ରାସ୍ତା ପରି ମୌଳିକ ସୁବିଧା ସାହିବାସୀଙ୍କ ନିକଟରେ ପହଞ୍ଚି ପାରୁନି। ଏଥିଯୋଗୁ ବିଭିନ୍ନ ଅସୁବିଧାରେ ଲୋକେ ହନ୍ତସନ୍ତ ହେଉଛନ୍ତି।

ସାହିବାସୀଙ୍କ ଅଭିଯୋଗ ମୁତାବକ, ଦୀର୍ଘ ଦିନ ହେଲା ସାହିରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ପ୍ରାୟ ୨୦ ପରିବାର ପାଇଁ ୨ଟି ନଳକୂଅ ଥିବାବେଳେ ସେଥିରୁ ବାହାରୁ ଥିବା ଲୁହାଗୁଣ୍ଡ ମିଶା ପାଣି ପିଇବା ଉପଯୋଗୀ ହେଉନାହିଁ। ଫଳରେ ପାଖ ଗ୍ରାମକୁ ଯାଇ ପାଣି ବୋହି ଆଣିବାକୁ ପଡୁଛି। ସେହିପରି ସାହିକୁ ପାଇପ ପାଣି ଯୋଗାଣ ପାଇଁ ପଏଣ୍ଟ ସ୍ଥାପନ ହୋଇଥିଲେ ହେଁ ତାହାକୁ କାର୍ଯ୍ୟକାରୀ କରାଯାଉନାହିଁ। ଅନ୍ୟପକ୍ଷରେ ସାହିକୁ ଆସିଥିବା ରାସ୍ତାଟି ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ବର୍ତ୍ତମାନ ପାଣି କାଦୁଅରେ ରାସ୍ତା ଭର୍ତ୍ତି ହୋଇଥିବାରୁ ଯାତାୟାତରେ ସମସ୍ୟା ହେଉଛି। ଦାବି ସତ୍ତ୍ୱେ ଏଠାରେ ରାସ୍ତାଟିଏ ନିର୍ମାଣ କରିବା ଦିଗରେ କେହି ଦୃଷ୍ଟି ଦେଉନାହାନ୍ତି। ତୁରନ୍ତ ଏ ଦିଗରେ ଦୃଷ୍ଟି ଦିଆଯିବାକୁ ସାହିର ଭବାନୀ ଗୋଚ୍ଛାୟତ, ଲବଙ୍ଗ ଗୋଚ୍ଛାୟତ, ସନ୍ଧ୍ୟା ଗୋଚ୍ଛାୟତ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଡ. ସ୍ୱରୂପାନନ୍ଦ ସାହୁ କୁହନ୍ତି, ମୋ ପାଖରେ ଅଭିଯୋଗ ନାହିଁ। ଯଦି ଏପରି ଥାଏ ତାହେଲେ ଏଥିପ୍ରତି ଦୃଷ୍ଟି ଦିଆଯିବ।

## ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ଅନୁଗୋଳ ଅଫିସ, ୨।୯

ଅନୁଗୋଳ ଇଣ୍ଡୋର ହଲ୍‌ରେ ଜିଲାସ୍ତରୀୟ ଅଷ୍ଟମ ଟାଏକୋଣ୍ଡୋ ପ୍ରତିଯୋଗିତା ଓ ଦଶମ କଲ୍‌ର ବେଲ୍ଟ ପରୀକ୍ଷା ସମାପନ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ଯୋଗଦେଇ ଥିଲେ। ଏଥିସହ ସମ୍ମାନିତ ଅତିଥି ଭାବେ ପର୍ଶୁରାମ ଦାଶ ଓ ପ୍ରଦୀପ ଦେବତା ପ୍ରମୁଖ ଟାଇକୋଣ୍ଡୋ ବିଷୟରେ କ୍ରୀଡ଼ାବିତଙ୍କୁ ଅବଗତ କରିଥିଲେ। ଅନୁଗୋଳ ଜିଲା ଟାଏକୋଣ୍ଡୋ ଆସୋସିଏଶନ୍ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାରେ ଜିଲାର ଶହେ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ରାଜ୍ୟ କୌଶଳ ଶିକ୍ଷା ନିର୍ଦ୍ଦେଶକ ଜୟକୃଷ୍ଣ ପରିଡ଼ା ଯୋଗଦେଇ ପ୍ରତିଯୋଗୀମାନଙ୍କ ଫଳାଫଳ ନିର୍ଣ୍ଣୟ କରିଥିଲେ। ବିଚାରକ ବିଶ୍ୱଜିତ ସାହୁ, ତପସ୍ୱିନୀ ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ଅମରଜିତ ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ।

■ବିଜେଡିର ସଭ୍ୟ ସଂଗ୍ରହ ଆରମ୍ଭ

# ବିନା ମୁଖିଆରେ କାର୍ଯ୍ୟକୁ ନେଇ ଚର୍ଚ୍ଚା

ଅନୁଗୋଳ ଅଫିସ, ୨।୯

ଅନୁଗୋଳ ଜିଲାରେ ଆରମ୍ଭ ହୋଇଛି ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ। ତେବେ ଜିଲା ସଭାପତି ଥିବା ବିଧାୟକ ରଜନୀକାନ୍ତ ସିଂ ଉପବାଚସ୍ପତି ହେବା ପରେ ଏହି ପଦବୀ ଖାଲି ପଡ଼ିଛି। ତେଣୁ ବିନା ଜିଲା ମୁଖିଆରେ କେମିତି ସଭ୍ୟ ସଂଗ୍ରହ ଅଭିଯାନ ଚାଲିବ ତାହା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ସୋମବାର ପ୍ରଥମ ଦିନରେ ଅନୁଗୋଳ ବ୍ଲକର ୪ଟି ପଞ୍ଚାୟତର ପ୍ରତି ୱାର୍ଡରେ ସଦସ୍ୟ ସଂଗ୍ରହ ପାଇଁ ୱାର୍ଡ ମୁଖିଆଙ୍କୁ ଯୋଗାଡ଼ କରାଯାଉଛି ବୋଲି ବ୍ଲକ ବିଜେଡି ସଭାପତି ଦୁର୍ଗା ଚରଣ ପ୍ରଧାନ ସୂଚନା ଦେଇଛନ୍ତି।

ଅନୁଗୋଳ ଜିଲାରେ ବିଜେଡି ମୁଖିଆ ନ ଥିଲେ ବି କର୍ମୀ ମହଲ କିନ୍ତୁ ଉତ୍ସାହିତ। ବ୍ଲକ ସଭାପତି ଓ ନଗର ସଭାପତିଙ୍କୁ ଆଗରେ ରଖି ଅନୁଗୋଳରେ ବିଜେଡି ତାହାର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛି। ସୋମବାର ବ୍ଲକର ୪ଟି ପଞ୍ଚାୟତରେ ୱାର୍ଡ ମୁଖିଆଙ୍କୁ ଖୋଜା ଯାଇଥିଲା। ଏହାପରେ ବ୍ଲକର ଅନ୍ୟ ୩୦ଟି ପଞ୍ଚାୟତର ୱାର୍ଡ ମୁଖିଆଙ୍କୁ ଖୋଜାହେବା ପରେ ସଭ୍ୟ ସଂଗ୍ରହ କରାଯିବ। ୩୧ ସେପ୍ଟେମ୍ବର ସୁଦ୍ଧା ଏହି କାର୍ଯ୍ୟ ସାରିବାକୁ ଥିବାବେଳେ ବ୍ଲକରୁ ମୋଟ ୩୪ ହଜାର ସଦସ୍ୟ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଥିବା ବ୍ଲକ ବିଜେଡି ବ୍ଲକ ସଭାପତି ପ୍ରଧାନ କହିଛନ୍ତି। ୱାର୍ଡରେ ଚୟନ ହୋଇଥିବା ୪ ଜଣ ଲେଖାଏ ମୁଖିଆ ୨୫ ଜଣ ଲେଖାଏ ସଦସ୍ୟ ସଂଗ୍ରହ କରିବେ। ତେବେ ପ୍ରତି ୱାର୍ଡରେ ୧୦୦ ଲେଖାଏ ସଦସ୍ୟ ଗ୍ରହଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ପ୍ରତି ପଞ୍ଚାୟତରୁ ଏକ ହଜାର ନୂତନ ସଦସ୍ୟ ସଂଗ୍ରହ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ବିଜେଡିର ଏପରି ଅଭିଯାନକୁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ପ୍ରଧାନ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଭାଜପା ପକ୍ଷରୁ ସଦସ୍ୟ ସଂଗ୍ରହ ଅଭିଯାନ ପ୍ରଥମେ କରାଯାଇଥିଲା। ସ୍ୱଇଚ୍ଛାରେ ଅନୁଗୋଳ ନିର୍ବାଚନମଣ୍ଡଳୀର ୨୪ ହଜାର ନୂତନ ସଦସ୍ୟ ଭାଜପାରେ ଯୋଗ ଦେଇସାରିଲେଣି। କିନ୍ତୁ ବିଜେଡି ଏବେ ଆଧାର କାର୍ଡ ଖୋଜୁଛି। ତେଣୁ ସ୍ୱଇଚ୍ଛାରେ ନୁହେଁ ବରଂ ଜବରଦସ୍ତି ସେମାନଙ୍କୁ ଦଳରେ ସାମିଲ କରାଯାଉଥିବା ପ୍ରଧାନ କହିଛନ୍ତି।

# ୧୦୨ ୟୁନିଟ୍ ରକ୍ତ ସଂଗ୍ରହ




ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ବଇଣ୍ଡା, ୨।୯(ଡି.ଏନ.ଏ)

କିଶୋରନଗର ବ୍ଲକ ବଇଣ୍ଡା ଶଙ୍ଖାରୀସାହିଠାରେ ଥିବା ନାଇସ ଇନଷ୍ଟିଚ୍ୟୁଟ ପରିସରରେ ବଜରଙ୍ଗୀ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସାମାଜିକ କର୍ମୀ ପର୍ଶୁରାମ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଭକ୍ତି ପ୍ରସାଦ ପ୍ରଧାନ, ବୁବୁନ ପ୍ରଧାନ, ଲିପୁନ ବାରିକ, ଚିକୁନ ପ୍ରଧାନ, ବିଶ୍ୱଜିତ ସାଥୁଆ ମହାପାତ୍ର, ରଞ୍ଜନ ବେହେରା ଯୋଗ ଦେଇଥିଲେ। ଏଥିରେ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଠମଲ୍ଲିକ ରକ୍ତ ଭଣ୍ଡାର ପକ୍ଷରୁ ଡାକ୍ତର ସୁନୀଲ କୁମାର ପଣ୍ଡା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତପନ ବେହେରା, ରବୀନ୍ଦ୍ରନାଥ ମହାନ୍ତି, ବିମଳ ପ୍ରଧାନ, ସୁଶାନ୍ତ ବେହେରା ସହଯୋଗ କରିଥିଲେ। ଇନ୍‌ଷ୍ଟିଚ୍ୟୁଟର କର୍ମଚାରୀ ମନୀସା ସିଂ, ନିହାରିକା ମିଶ୍ର ପରିଚାଳନା କରିଥିଲେ।

## ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ କ୍ରୀଡା ଦିବସ

ଛେଣ୍ଡିପଦା,୨।୯(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବଡମହିତଲାଠାରେ ଥିବା ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ଜାତୀୟ କ୍ରୀଡ଼ା ଦିବସ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଦ୍ୟାଳୟରେ ୨ଟି ଦଳ ମଧ୍ୟରେ ଏକ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ପ୍ରଥମ ଦଳରେ ନବମ ଓ ଦଶମ ଶ୍ରେଣୀର ଛାତ୍ର ଓ ୨ୟ ଦଳରେ ଶିକ୍ଷକମାନେ ଅଶଂଗ୍ରହଣ କରିଥିଲେ। ୩ଟି ସେଟରେ ଏହି ଖେଳ ହୋଇଥିଲା। ବିଦ୍ୟାଳୟର ଖେଳ ଶିକ୍ଷକ କୃଷ୍ଣ କୁମାର ଦାସ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫକିରମୋହନ ସାହୁଙ୍କ ସମେତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ୩ ସେଟ ଖେଳ ମଧ୍ୟରୁ ଛାତ୍ରମାନେ ୨ ସେଟ ଜିତି ବିଜୟୀ ହୋଇଥିଲେ।

# ବ୍ୟଙ୍ଗ କବି ବିପିନ ବିହାରୀ ସାହୁଙ୍କ ପରଲୋକ

ଅନୁଗୋଳ ଅଫିସ/ଛେଣ୍ଡିପଦା, ୨।୯

ଅନୁଗୋଳର ଜଣାଶୁଣା ସାହିତ୍ୟିକ, ବ୍ୟଙ୍ଗ କବି ତଥା ରାଜ୍ୟ ପଶୁ ସମ୍ପଦ ବିଭାଗର ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଡାକ୍ତର ବିପିନ ବିହାରୀ ସାହୁ(୮୬)ଙ୍କ ସୋମବାର ଅମଲାପଡ଼ାସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଦୁଇ କନ୍ୟା ପ୍ରାଧ୍ୟାପିକା ସୁଜାତା ସାହୁ ଓ ନିରଜା ସାହୁ, ବଡ଼ ଜ୍ୱାଇଁ ନିର୍ମଳ ଚନ୍ଦ୍ର ସାହୁ ଏବଂ ପୁତ୍ର ସମୀର କୁମାର ସାହୁ ଉପସ୍ଥିତ ଥିଲେ। ୧୯୩୩ରେ ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମରେ ଜନ୍ମଲାଭ କରିଥିବା ସାହୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରାଣୀ ଚିକିତ୍ସକ ଭାବେ କାର୍ଯ୍ୟ କରି ଶେଷରେ ସହକାରୀ ନିର୍ଦ୍ଦେଶକ ପଦବୀରୁ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ଅନୁଗୋଳସ୍ଥିତ ବାସଭବନରେ ରହି ନିଜକୁ ସାହିତ୍ୟ ସାଧନାରେ ନିୟୋଜିତ କରିଥିଲେ। କୋଶଳାର ଅଧିଷ୍ଠାତ୍ରୀ ଦେବୀ ମା'ରାମଚଣ୍ଡୀ ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସେ ସକ୍ରିୟ ସଭ୍ୟ ରହିଥିଲେ। ରାମଚଣ୍ଡୀ ଠାକୁରାଣୀଙ୍କ ୩ୟ ସଂସ୍କରଣ ପୁସ୍ତକକୁ ସେ ରଚନା କରିଥିଲେ। ସାହିତ୍ୟ ସାଧନା ପାଇଁ ତାଙ୍କୁ ସାରସ୍ୱତ ସାହିତ୍ୟ ସଂସଦ ଛେଣ୍ଡିପଦା, ଅନୁଗୋଳ ଜିଲା ସାହିତ୍ୟ ସଂସଦ, ସୋମନାଥ ସିଂ ଜଗଦ୍ଦେବ ସ୍ମୃତି କମିଟି, ଭକ୍ତି ବିନୋଦ ସ୍ମୃତି ସଂସଦ ଢେଙ୍କାନାଳ ଆଦି ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ତାଙ୍କ ବିୟୋଗରେ ଅନୁଗୋଳ ଜିଲା ସାହିତ୍ୟ ସଂସଦ ଓ ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ ସ୍ମୃତି ସଂସଦ ସଭାପତି ପ୍ରଫେସର କୁମୁଦ ଚନ୍ଦ୍ର ଦାଶ, ଜିଲା ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି, ସୋମନାଥ ସିଂ ଜଗଦ୍ଦେବ ସ୍ମୃତି କମିଟି ସମ୍ପାଦକ ବନବିହାରୀ ପଟ୍ଟନାୟକ, ଜିଲା ସାହିତ୍ୟ ସଂସଦ ଉପସଭାପତି ପ୍ରଫେସର ଶାନ୍ତନୁ କୁମାର ସର, ପ୍ରିୟଦର୍ଶୀ ପଟ୍ଟନାୟକ, ଭାସ୍କର ଚନ୍ଦ୍ର ସାହୁ, ଯାମିନୀ ଦାଶ, ଚକ୍ରଧର ସାହୁ, ଦିବାକର ସାହୁ, ବିଭୂତି ଭୂଷଣ ଦାସ, ଡି.କେ. ବିଶ୍ୱାଳ, ଅଶୋକା ବିଶ୍ୱାଳ, କବୟିତ୍ରୀ ଡକ୍ଟର ଇନ୍ଦିରା ଦାଶ, ସୋମନାଥ ଗଡ଼ନାୟକ, ବିଶ୍ୱରଞ୍ଜନ ପ୍ରଧାନ, ଅକ୍ଷୟ କୁମାର ପଣ୍ଡା, ଶାନ୍ତନୁ ପ୍ରଧାନ, ହେମନ୍ତ ଦାଶ, ରଞ୍ଜିତା ସିଂସାମନ୍ତ, ଗୀତାଞ୍ଜଳି ସାହୁ, ବିବେକାନନ୍ଦ ପ୍ରଧାନଙ୍କ ସମେତ ଅନୁଗୋଳ ମହିଳା ମହାବିଦ୍ୟାଳୟର ବହୁ ଅଧାପିକା, ଅଧାପକ, କର୍ମଚାରୀ ସ୍ୱର୍ଗତ ସାହୁଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରର ସଦସ୍ୟଙ୍କୁ ସମବେଦନା ଜ୍ଞାପନ କରିଥିଲେ।

**ପୂଜ୍ୟ ପୂଜା ସଂସଦର ଶୋକ**

ବ୍ୟଙ୍ଗ କବି ବିପିନ ବିହାରୀ ସାହୁଙ୍କ ପରଲୋକରେ ପୂଜ୍ୟ ପୂଜା ସଂସଦ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଆଡଭୋକେଟ ଦିଲୀପ ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଆଡଭୋକେଟ ଗୋପାଳ ନାଥ, ସମ୍ପାଦକ ରଣଜିତ ଦାଶ, ଦୁଷ୍ମନ୍ତ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ ପଣ୍ଡା, ବିଜ୍ଞାନୀ ବେହେରା, ବିଶ୍ୱଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଆଶାକର୍ମୀଙ୍କୁ ତାଲିମ

କଣିହାଁ,୨।୯(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହରେ ଚକ୍ଷୁ ସ୍ୱାସ୍ଥ୍ୟ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଛି। ଅନୁଗୋଳ ଜିଲା ପ୍ରଶାସନ ଓ କଳିଙ୍ଗ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ କାର୍ଯ୍ୟକ୍ରମକୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ୍ତ ପଟେଲ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଭୟ କୁମାର ସାମଲ ଉଦ୍‌ଘାଟନ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ବ୍ଲକ ପୋଗ୍ରାମ ମ୍ୟାନେଜର ମୋନାଲିସା ପ୍ରଧାନ, ବ୍ଲକ ଏକାଉଣ୍ଟ ମ୍ୟାନେଜର ଅନୁପ କର ପରିଚାଳନା କରିଥିଲେ। ଢେଙ୍କାନାଳ ସ୍ଥିତ କଳିଙ୍ଗ ଚକ୍ଷୁ ଚିକିତ୍ସାଳୟର ମୁକେଶ ସାହୁ, ଲୋପାମୁଦ୍ରା ସାହୁ ଚକ୍ଷୁ ସମସ୍ୟାକୁ ନେଇ ଦୃଷ୍ଟିଶକ୍ତି ଦୂର ସମ୍ପର୍କରେ ଉପସ୍ଥିତ ଆଶାକର୍ମୀଙ୍କୁ ତାଲିମ ଦେଇଥିଲେ। ଆଶା ମ୍ୟାନେଜର ବିକାଶିନି ମାଡାମ, ସାଇଟ ସର୍ଭେରର ଶାରଦା ପ୍ରଶନ୍ନ ଷଡ଼ଙ୍ଗୀଙ୍କ ସହିତ ଅନ୍ୟମାନେ ସହଯୋଗ କରିଥିଲେ।

# ପୂଜା ଉପଲକ୍ଷେ ଚାରା ରୋପଣ

ବନ୍ତଳା,୨।୯(ଡି.ଏନ.ଏ)

ବନ୍ତଳା ଥାନା ପୋକତୁଙ୍ଗା ହାଇସ୍କୁଲ ଶିକ୍ଷା ପରିଚାଳନା କମିଟି ତରଫରୁ ସୋମବାର ଗଣେଶ ପୂଜା ଉପଲକ୍ଷେ ସ୍କୁଲ ପରିସରରେ ଚାରା ରୋପଣ ରୋପଣ କରାଯାଇଛି। ଶିକ୍ଷା କମିଟି ସଭାପତି ଦୀନେଶ ଦେହୁରୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଅର୍ଜୁନ, ବଉଳ, ଅଁଳା, ଲିମ୍ବ ଆଦି ଚାରା ରୋପଣ କରାଯାଇଥିଲା। ଏଥିସହ ବିଦ୍ୟାଳୟରେ ପୂଜା ପଳନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସନାତନ ମୁଦୁଲି ଯଜ୍ଞ ପୁରୋଧା ହୋଇଥିବାବେଳେ ହେମନ୍ତ କୁମାର କର ବେଦ ପାଠ, ହୋମଯଜ୍ଞ କରିଥିଲେ। କମିଟିର ତପସ୍ୱିନୀ ସାହୁ, ସୁବାସିନୀ ସାହୁ, ମଲ୍ଲୀ ସାହୁ, କଲ୍ୟାଣ ବେହେରା, ସୁଜାତା ବେହେରା, କ୍ଷେତ୍ରବାସୀ ବେହେରା, ସୁରେଶ ସାହୁ, ସୁରେଶ ବେହେରା, ବିଜୟ ମହାପାତ୍ର, ଆଶାକର୍ମୀ ସବିତା ବେହେରା, ଅସକରା ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ।



■ମଧ୍ୟାହ୍ନରେ ଆରଟିଓ, ରାତିରେ ପୋଲିସ ପକ୍ଷରୁ ଯାଞ୍ଚ

# ପ୍ରଥମ ଦିନରେ ୧୩ ହଜାର ଜରିମାନା ଆଦାୟ






ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ ସହ ଜରିମାନା ଆଦାୟ କରାଯାଉଛି।

ଅନୁଗୋଳ ଅଫିସ, ୨।୯

ଭାରତ ସରକାରଙ୍କ ସଂଶୋଧିତ ମୋଟରଯାନ ଆଇନ ସେପ୍ଟେମ୍ବର ପହିଲାରୁ ଲାଗୁ ହେଉ ହେଉ ଅନୁଗୋଳ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ସହରରେ ଯାଞ୍ଚ କଡ଼ାକଡ଼ି କରାଯାଇଛି। ରବିବାର ଏହି ଆଇନ ଉଲ୍ଲଂଘନ କରିଥିବା ୧୨ଜଣଙ୍କଠାରୁ ୧୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ମଧ୍ୟାହ୍ନରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସମ୍ମୁଖରେ ପରିବହନ ଅଧିକାରୀ ଜରିମାନା ଆଦାୟ କରିଥିବାବେଳେ ପୋଲିସ ବିଳମ୍ବିତ ରାତିରେ ଜରିମାନା ଆଦାୟ କରିଛି।

ଏହି ସଂଶୋଧିତ ମୋଟର ଯାନ ଆଇନ ୨୦୧୯ରେ ଜରିମାନାକୁ ବଢ଼ାଇ ଦିଆଯାଇଛି। ଏପରି କି ହାତ ରସିଦ ପରିବର୍ତ୍ତେ ସମ୍ପୂର୍ଣ୍ଣ ଡିଜିଟାଲ ବ୍ୟବସ୍ଥାରେ ଲୋକଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି। ଆରଟିଓ କର୍ମଚାରୀଙ୍କ ସହ ଅନୁଗୋଳ ପୋଲିସ ଓ ତାଳଚେର ପୋଲିସକୁ ଏହି ଡିଜିଟାଲ ସ୍ୱାଇପ ମେଶିନ୍ ପ୍ରଦାନ କରାଯାଇଛି। ଆଇନ ଉଲ୍ଲଂଘନକାରୀ ଚାଳକମାନେ ନଗଦ ନଚେତ କ୍ରେଡିଟ ଓ ଡେବିଟ୍ କାର୍ଡରେ ଜରିମାନା ଅର୍ଥ ପ୍ରଦାନ କରିପାରିବେ। ଏ ନେଇ ଚାଳକମାନଙ୍କୁ ରସିଦ୍ ମଧ ପ୍ରଦାନ କରାଯାଉଛି। ଏହା ନ ହେଲେ କଟାଯାଇଥିବା ରସିଦ୍ ଦେଖାଇ ୭ ଦିନ ମଧରେ ଥାନାରେ ଅଥବା ୧୩ ଦିନ ମଧରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଜରିମାନା ଟଙ୍କା ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଏହା ନ ହେଲେ ଫଟୋ ପ୍ରମାଣ ସହ ଘରକୁ ପରିବହନ ବିଭାଗ ରସିଦ୍ ପଠାଇବ ବୋଲି ଜଣାପଡ଼ିଛି। ତେବେ ତାଳଚେର ଥାନାକୁ ପ୍ରଦାନ କରାଯାଇଥିବା ମେଶିନ୍ କାର୍ଯ୍ୟକାରୀ ହୋଇ ନାହିଁ। ଅନୁଗୋଳ ପୋଲିସ ରବିବାର ବିଳମ୍ବିତ ରାତିରେ କାଟିଥିବା ଜରିମାନା ମଧ୍ୟରୁ ୩ ଜଣ ବ୍ୟକ୍ତି ନଗଦ ଅର୍ଥ ଦେଇଥିବାବେଳେ ଜଣେ କାର୍ଡ ମାଧ୍ୟମରେ ପ୍ରଦାନ କରିଥିଲେ। ଅନ୍ୟ ୪ ଜଣ ଥାନାରେ ଆଣି ପ୍ରଦାନ କରିବେ ବୋଲି କହିଥିଲେ। ଅନୁଗୋଳ ଏସ୍‌ଡିପିଓ ଅଶ୍ୱନୀ ସାହୁ, ଥାନା ଅଧିକାରୀ ରମେଶଚନ୍ଦ୍ର ବିଶୋଇ, ଆରଆଇ ସୁଶାନ୍ତ ସାହୁଙ୍କ ସହ ଥାନାର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପବିତ୍ରନଗର,୨।୯(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରନଗର ଯୁକ୍ତ ୨ ମହାବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଧନେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୂତନ ଭାବରେ ଯୋଗଦେଇଥିବା ବିଭିନ୍ନ ବିଭାଗର ୨୫୦ ଛାତ୍ରୀଛାତ୍ରଙ୍କୁ ୨ୟ ବର୍ଷର ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ। ବରିଷ୍ଠ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ୨ୟ ବର୍ଷ ଛାତ୍ର ବିନୟ ସାହୁ, ପ୍ରୀତମ ସାହୁ ପ୍ରଥମ ବର୍ଷ ଛାତ୍ର ଚିନ୍ମୟ ତ୍ରିପାଠୀ, ଛାତ୍ରୀ ମନୀଷା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମଜୟନ୍ତୀକୁ ନେଇ ଅନୁଷ୍ଠିତ ହୋଇଥିବା ଓଡ଼ିଆ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ଭୁବନ,୨।୯(ଡି.ଏନ.ଏ)

ଢେଙ୍କାନାଳ ଜିଲା ଭୁବନରେ ଚଳିତ ବର୍ଷ ଦୁର୍ଗାପୂଜା ପାଇଁ ସୋମବାର ଶୁଭମାଟି ଅଣାଯାଇଛି। ପ୍ରତି ପୂଜା ମଣ୍ଡପର କର୍ମକର୍ତ୍ତାମାନେ ନିଜର ମଣ୍ଡପରୁ ବାହାରି ବାଜା, ବାଣ ଓ ସଂକୀର୍ତ୍ତନ କରି ସହର ପରିକ୍ରମା କରିଥିଲେ। ପରେ ବ୍ରାହ୍ମଣୀ ଶାଖା ରଗଡ଼ି ନାଳ ନିକଟରୁ ପୂଜାର୍ଚ୍ଚନା କରି ମାଟି ଉଠାଇଥିଲେ। ବିଶେଷକରି ଦେଶ ଦୁର୍ଗା ଗୁଜୁରିହାଟ, ବନଦୁର୍ଗା, କ୍ଲାସିକ କ୍ଲବ, ପୋଥାଳ ସାହି, ବାଜି ଛକ, ସେନ ସାହି, ଦୁର୍ଗା ବଜାର, ହର ପାର୍ବତୀ ମେଢ଼ ଓ ନୂଆ ଭୁବନ ମେଢ଼ର ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ। ଚଳିତ ବର୍ଷ ଦୁର୍ଗାପୂଜା ମହା ଆଡମ୍ବରରେ ପାଳନ କରିବା ପାଇଁ ସମସ୍ତ କର୍ମକର୍ତ୍ତା ଆଗ୍ରହ ପ୍ରକାଶ କରିଛନ୍ତି।

ଧରିତ୍ରୀର ଢେଙ୍କାନାଳ ସଂସ୍କରଣ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଲ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଜିଲାସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

## ବିଜ୍ଞାନ ଯୁଗରେ ଅନ୍ଧବିଶ୍ୱାସର ସ୍ଥାନ ନାହିଁ

**ଢେଙ୍କାନାଳ ଅଫିସ,୨।୯:** ଢେଙ୍କାନାଳ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ୨୭ ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଜିଲାସ୍ତରୀୟ ମାର୍ଗଦର୍ଶକ ଓ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ପ୍ରଫେସର ଧନେଶ୍ୱର ସାହୁ ଏହାକୁ ଉଦଘାଟନ କରି କହିଲେ ଯେ, ବିଜ୍ଞାନର ଯୁଗରେ ଅନ୍ଧବିଶ୍ୱାସର ସ୍ଥାନ ନାହିଁ। ବିଜ୍ଞାନର କ୍ରମବିକାଶ ଓ ଶିକ୍ଷକମାନଙ୍କ ଭୂମିକା ବଳରେ ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂରୀଭୂତ ହେଲେ ସମସ୍ତେ ବିଜ୍ଞାନମନସ୍କ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ପଦାର୍ଥ ବିଜ୍ଞାନବିତ୍ ଡ. ଆଶୁତୋଷ ରଥ କହିଲେ, ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକମାନେ ବୈଜ୍ଞାନିକ ମନୋଭାବ ଜାଗ୍ରତ କରି ସମାଜ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ। ଜାତୀୟ ବିଜ୍ଞାନ କଂଗ୍ରେସର ଜିଲା ସଂଯୋଜକ ଡ. ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେମୋଟ ୨୦୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ସ୍ୱଚ୍ଛ, ସବୁଜ ଓ ସୁସ୍ଥ ରାଷ୍ଟ୍ର ଗଠନ ସକାଶେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବଉନ୍ମେଷ ଚଳିତ ବର୍ଷର ବିଷୟବସ୍ତୁ ରଖାଯାଇଛି। ଏହି ଅବସରରେ ଏକ ପୁସ୍ତିକା ଉନ୍ମୋଚନ ହୋଇଥିଲା। ଏକାଡେମୀର ସଂଯୋଜକ ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

## ଛଦେଶ ଉତ୍ସବ ମୁଖର

**ଭାପୁର, ୨।୯(ଡି.ଏନ.ଏ):** ଢେଙ୍କାନାଳ ଜିଲା ଛଦେଶ ଅଞ୍ଚଳରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ, କ୍ଲବ ଓ ପୂଜା ପ୍ରତିଷ୍ଠାନରେ ସୋମବାର ଧୁମ୍‌ଧାମରେ ଗଣେଶ ପୂଜା ପାଳିତ ହୋଇଛି। ଭାପୁର ପଞ୍ଚାୟତ ମହୁଲପୁଞ୍ଜି ଗ୍ରାମର ତଳ ସାହି, ଶବର ସାହି, ରଗଡା ସାହି ୧, ରଗଡା ସହି ୨, ମହାବୀର ସାହି ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ ଦର୍ଶକଙ୍କୁ ଆକୃଷ୍ଟ କରିଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ସେହିପରି ଘଟିପିରି, ଗୋବିନ୍ଦପ୍ରସାଦ, କାକୁଡିଭାଗ, ଦୀନବନ୍ଧୁପୁର, ରଥପଦା, ଅଉଖମା, ବାଲିଆମ୍ବ, କଳାଙ୍ଗ ଗ୍ରାମରେ ୫ ଦିନ ଧରି ପୂଜା ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ଜଣାପଡିଛି।



### ପୂଜା ପାଇଲେ ବିଘ୍ନ ବିନାଶକ

# ଢେଙ୍କାନାଳରେ ୩୩ ମଣ୍ଡପ



ବଜରଙ୍ଗ କ୍ଲବର ପୂଜା ମଣ୍ଡପ।

**ଢେଙ୍କାନାଳ ଅଫିସ, ୨।୯**

ଢେଙ୍କାନାଳ ସହରରେ ପ୍ରଭୁ ବିଘ୍ନ ବିନାଶକଙ୍କ ପୂଜା ଅନୁଷ୍ଠିତ ହୋଇଛି। ସପ୍ତାହେ ବ୍ୟାପୀ ହେବାକୁ ଥିବା ଏହି ପୂଜା ଉପଲକ୍ଷେ ସହର ଉତ୍ସବମୁଖର ହୋଇପଡିଛି। ମୋଟ ୩୩ ମଣ୍ଡପରେ ଗଣେଶଙ୍କ ପୂଜାର୍ଚ୍ଚନା କରାଯାଇଛି। ଗଣେଶ ବଜାର, ମହାବୀର ବଜାର, ଜବାହାରଚୌକ, କାଞ୍ଚନ ବଜାର, ଆନନ୍ଦ ବଜାର, ବାଜିଚୌକ, ରାଇଜିଂଷ୍ଟାର, ବଜରଙ୍ଗ କ୍ଲବ, ମହାବୀର କ୍ଲବ ଜଗନ୍ନାଥରୋଡ ସମେତ ଗୁଡିଆନାଳି, କଲେଜ ଛକ, ଚାନ୍ଦମାରୀ ସାହି, ଦେଉଳସାହି, ଗାନ୍ଧୀ ମନ୍ଦିର ରୋଡ୍, ଭାଗୀରଥି ସାଗର, କୁଞ୍ଜକାନ୍ତ ଆଦି ବିଭିନ୍ନ ପୂଜା ମଣ୍ଡପରେ ପ୍ରତିଯୋଗିତା ମୂଳକ ଭାବେ ଉତ୍ସବ ଅନୁଷ୍ଠିତ ହେଉଛି। ରଙ୍ଗିନ ଆଲୋକମାଳାରେ ପୂଜା ମଣ୍ଡପଗୁଡିକ ଆକର୍ଷଣୀୟ ଭାବେ ସଜାଯାଇଛି। ଅଧିକାଂଶ ସ୍ଥାନରେ ଆଲୋକମାଳା ତୋରଣ ସାଜସଜ୍ଜା ହୋଇଛି। ପୌରାଣିକ କଥାବସ୍ତୁ ଏବଂ ସାମ୍ପ୍ରତିକ ବିଷୟବସ୍ତୁକୁ ନେଇ ଅଧିକାଂଶ ସ୍ଥାନର ପୂଜା ମଣ୍ଡପଗୁଡିକ ସାଜସଜ୍ଜା ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସହରରେ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ବେସରକାରୀ ଅନୁଷ୍ଠାନ ଗୁଡିକରେ ମଧ ପୂଜା ଧୁମଧାମରେ ପାଳିତ ହେଉଛି । ଆସନ୍ତା ୯ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ।



ରାଇଜିଂଷ୍ଟାର କ୍ଲବ ପକ୍ଷରୁ ନିର୍ମିତ ମଣ୍ଡପ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : dklselfie@gmail.com



@ ଅରୁଣ



@ ମାନସ

# ପୂଜାରେ ଝଲସୁଛି ଭୁବନ



ଭୁବନ ଫ୍ରେଣ୍ଡ୍‌ସ କ୍ଲବ।

**ଭୁବନ,୨।୯(ଡି.ଏନ.ଏ)**

ଢେଙ୍କାନାଳ ଜିଲା ଭୁବନର ସମସ୍ତ ଶିକ୍ଷାନୁଷ୍ଠାନ ଓ କ୍ଲବ ପକ୍ଷରୁ ସୋମବାର ଗଣେଶ ପୂଜା ପାଳିତ ହୋଇଛି। ଏଥିଯୋଗୁ ସମଗ୍ର ଭୁବନ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଚଳିତ ବର୍ଷ ୨୧ଟି ମଣ୍ଡପରେ ପୂଜା କରାଯାଉଥିବାବେଳେ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନରେ ପୂଜା କରାଯାଉଛି। ରଙ୍ଗବେରଙ୍ଗ ଆଲୋକମାଳା ସାଙ୍ଗକୁ ତୋରଣରେ ମଣ୍ଡପଗୁଡ଼ିକ ଝଲସି ଉଠୁଛି। ସମସ୍ତ ମଣ୍ଡପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଗଣେଶ ପୂଜା ଦେଖିବାକୁ ଭୁବନ ଓ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ୭ ଦିନ ଧରି ଏହି ପୂଜା ଚାଲିବ। ଶାନ୍ତି କମିଟି ପକ୍ଷରୁ ମେଳଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଓଡ଼ିଶାର ସୁନାମଧନ୍ୟ କଳାକାରମାନଙ୍କୁ ନେଇ ନୃତ୍ୟ ସଙ୍ଗୀତ ଆୟୋଜନ କରାଯାଇଛି। ଭସାଣି ଉତ୍ସବରେ ସମସ୍ତ ମେଢ଼ ସାମିଲ ହେବ ବୋଲି କମିଟି ପକ୍ଷରୁ ସ୍ଥିର ହୋଇଛି।

## ବେପରୁଆ ଗାଡିଚାଳନା ପ୍ରତିବାଦ କରିବାରୁ ଛୁରାମାଡ଼

**ଢେଙ୍କାନାଳ ଅଫିସ,୨।୯**

ଢେଙ୍କାନାଳ ସହରସ୍ଥିତ ତହସିଲ କାର୍ଯ୍ୟାଳୟ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୨ଟା ସମୟରେ ବେପରୁଆ ଭାବେ କାର ଚଲାଉଥିବା ଜଣେ ଯୁବକଙ୍କୁ ପ୍ରତିବାଦ କରିବାରୁ ଜଣେ ଆଇନଜୀବୀଙ୍କୁ ଛୁରାମାଡ଼ ହୋଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ଜଣାପଡିଛି, ଯୁବକ ଜଣକ ବେପରୁଆ ଗାଡ଼ିଚାଳନା କରି ପ୍ରଥମେ ଏକ ବାଇକକୁ ଧକ୍କାଦେଇ ପଳାଉଥିବା ସମୟରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ତାଙ୍କୁ ଅଟକାଇଥିଲେ। ସେହି ସମୟରେ ଜିଲା ଓକିଲ ସଂଘର ସମ୍ପାଦକ ଆଇନଜୀବୀ ଟଙ୍କଧର ବେହେରା ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିବାରୁ ଗାଡି ଚଳାଉଥିବା ଯୁବକ ତାଙ୍କୁ ଧମକ ଚମକ ଦେବା ସହିତ ଏକ ଛୁରି ବାହାର କରି ଟଙ୍କଧରଙ୍କୁ ଆକ୍ରମଣ କରିଥିଲେ। ଏଥିଯୋଗୁ ଟଙ୍କଧରଙ୍କ ଡାହାଣ ହାତ ପାପୁଲିରେ ଗଭୀର କ୍ଷତ ହୋଇଛି। ଖବରପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ଏଥିସହ କାର ଓ ଛୁରିକୁ ମଧ୍ୟ ଜବତ କରାଯାଇଛି। କାରରୁ କିଛି ମଦ ମଧ୍ୟ ଜବତ ହୋଇଥିବା ଜଣାପଡିଛି। ଆହତ ଟଙ୍କଧର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଛନ୍ତି।

### ଶ୍ରୋତା ପରିଷଦର ରାଜ୍ୟସ୍ତରୀୟ ସମ୍ମିଳନୀ

# ଆକାଶବାଣୀ କାର୍ଯ୍ୟକ୍ରମ ସଦା ଆଦରଣୀୟ



ଆକାଶବାଣୀ ଶ୍ରୋତା ପରିଷଦର ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗ ଦେଇଥିବା ସମୀକ୍ଷକମାନେ।

**ଢେଙ୍କାନାଳ ଅଫିସ,୨।୯**

ଢେଙ୍କାନାଳ ଜିଲା ସଦର ବ୍ଲକ ପଶ୍ଚିମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆକାଶବାଣୀ ଶ୍ରୋତା ପରିଷଦର ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆକାଶବାଣୀ କାର୍ଯ୍ୟକ୍ରମ ସମୀକ୍ଷକ ତଥା ପୁରୀର ବରିଷ୍ଠ ଶ୍ରୋତା ଡା. ଅଜିତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ କାର୍ଯ୍ୟକ୍ରମ ସମୀକ୍ଷକ ତଥା କର୍ମକର୍ତ୍ତା ଯୋଗଦେଇ ଥିଲେ। ସାମ୍ପ୍ରତିକ ସାମାଜିକ ଗଣମାଧ୍ୟମ ଯୁଗରେ ବେତାର ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହେଉଥିଲେ ହେଁ ଆକାଶବାଣୀର କାର୍ଯ୍ୟକ୍ରମ ଏହାର ବିଶେଷତ୍ୱ, ଗୁଣବତ୍ତା ତଥା ପ୍ରୟୋଜନୀୟତା ସବୁ ସମୟରେ ଗ୍ରହଣୀୟ ଓ ଆଦରଣୀୟ ବୋଲି ସମୀକ୍ଷକମାନେ ମତବ୍ୟକ୍ତ କରିଥିଲେ। ସମ୍ମିଳନୀରେ ତାଳଚେରର ଅନିଲ କୁମାର ମିଶ୍ର, ଅନିତା ପାଣି, ବିଭୂତି ଭୂଷଣ ପାଣି ଓ ବିଭୂତି ଭୂଷଣ ସାହୁ, ଅନୁଗୋଳର ଶାନ୍ତନୁ କୁମାର ସର ଓ ସୁଶାନ୍ତ କୁମାର ପଣ୍ଡା, ସମ୍ବଲପୁରର ଧର୍ମେନ୍ଦ୍ର ସିଂହ, ଆଠଗଡର ପ୍ରତିମାବାଳା ନାୟକ, ଦିଗମ୍ବର ମହାରଣା, ନରେନ୍ଦ୍ର କୁମାର ସାହୁ, ଚିନ୍ମୟୀ ସାହୁ, ସନ୍ତୋଷ ବେହେରା, ମାଣିଆବନ୍ଧର ସୁରେଶ କୁମାର ପାତ୍ର ଓ ଦେବେନ୍ଦ୍ର ପତି, ହିନ୍ଦୋଳର ନୀଳାଦ୍ରି ସାହୁ, ଘାସିରାମ ପ୍ରଧାନ, ପ୍ରତିମାବାଳା ନାୟକ, ଅଉଖମାର ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇ ନିଜ ନିଜ ଅନୁଭୂତି ବର୍ଣ୍ଣନା କରିବା ସହିତ ବେତାର ଗଣମାଧ୍ୟମର ସାମାଜିକ ଦାୟିତ୍ୱବୋଧର ପ୍ରଶଂସା କରିଥିଲେ। ଆଗାମୀ ଦିନରେ ରାଜ୍ୟସ୍ତରୀୟ ଶ୍ରୋତା ସମ୍ମିଳନୀ ଆୟୋଜନ କରିବା, ରେଡିଓ ଓ ଏହା ସମ୍ପର୍କିତ ଯନ୍ତ୍ରାଂଶକୁ ନେଇ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରିବା, ଶ୍ରୋତା ପରିଷଦ ମାଧ୍ୟମରେ ବିଭିନ୍ନ ସାମାଜିକ, ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ଆଦି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ପରବର୍ତ୍ତୀ ସମ୍ମିଳନୀ ଆକାଶବାଣୀ ଯୋରନ୍ଦା ମହିମାଗାଦି ଠାରେ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଶ୍ୱ ଓଡ଼ିଶା ଅନୁଷ୍ଠାନର ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ ପରିଚାଳନା କରିଥିବା ବେଳେ ପଶ୍ଚିମେଶ୍ୱର ମନ୍ଦିର ପରିଚାଳନା କମିଟି ସହାୟତା କରିଥିଲେ।

### ଲକ୍ଷ୍ମୀପୂଜା କମିଟିର ନୂତନ କର୍ମକର୍ତ୍ତା

# ଅକ୍ଷୟ ସଭାପତି, ଭାବଗ୍ରାହୀ ସମ୍ପାଦକ



କାଳିକାନଗର ଲକ୍ଷ୍ମୀପୁଜା କମିଟିର ନୂତନ କର୍ମକର୍ତ୍ତା।

**ଢେଙ୍କାନାଳ ଅଫିସ,୨।୯**

ଢେଙ୍କାନାଳ ସହର ଦକ୍ଷିଣକାଳୀ ମନ୍ଦିର ପ୍ରାଙ୍ଗଣଠାରେ କାଳିକାନଗର ପୂଜା ପ୍ରତିଷ୍ଠାନର ଏକ ବୈଠକ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚଳିତବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଥିଲା। ସଭାପତି ଭାବେ ଅକ୍ଷୟ କୁମାର ମହାନ୍ତି, ଉପସଭାପତି ଭାବେ ସାଧୁ ଚରଣ ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଭାବେ ପ୍ରମୋଦ କୁମାର ବରାଳ, ସମ୍ପାଦକ ଭାବେ ଭାବଗ୍ରାହୀ ପଣ୍ଡା, ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ମଲ୍ଲିକ, ସହ ସମ୍ପାଦକ ସଞ୍ଜୟ କୁମାର ନାୟକ, କୋଷାଧ୍ୟକ୍ଷ ଭାବେ ହୃଷୀକେଶ ମହାନ୍ତି, ସଦସ୍ୟ ଭାବେ ପ୍ରହ୍ଲାଦ ତ୍ରିପାଠୀ, ଦେବେନ୍ଦ୍ର ମହନ୍ତ, ମୋହନ ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ଦେବାନନ୍ଦ ସାହୁ, ରମେଶଚନ୍ଦ୍ର ନାଏକ ପ୍ରମୁଖ ମନୋନୀତ ହୋଇଥିଲେ। ଚଳିତ ବର୍ଷ ଲକ୍ଷ୍ମୀ ପୂଜା କିଭଳି ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହେବ ସେ ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ପାଦକ ଚଳିତବର୍ଷ ପୂଜା ପାଇଁ ଆୟ ଓ ବ୍ୟୟ ବିବରଣୀ ବିଷୟରେ ବିସ୍ତୃତ ଅଲୋଚନା କରିଥିଲେ।

### ବରିଷ୍ଠ ନାଗରିକ ପରିଷଦର ବୈଠକ

# ଅବସରପ୍ରାପ୍ତ ଜିଲା ଜଜ୍‌ଙ୍କୁ ସଭାପତି ଦାୟିତ୍ୱ

**ଢେଙ୍କାନାଳ ଅଫିସ,୨।୯**

ଢେଙ୍କାନାଳ ଭାଗୀରଥିସାଗର ନିକଟସ୍ଥ ପିପାର ସଭା ଗୃହରେ ସଂଘ ସଭାପତି ଦୁର୍ଗା ଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ରବିବାର ଜିଲା ବରିଷ୍ଠ ନାଗରିକ ପରିଷଦର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାର ବିଭିନ୍ନ ପ୍ରାନ୍ତରୁ ବହୁ ସଭ୍ୟ ଯୋଗ ଦେଇଥିଲେ। ପରିଷଦ ପକ୍ଷରୁ ସାମାଜିକ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଗଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅବସରପ୍ରାପ୍ତ ବରିଷ୍ଠ ଜିଲାଜଜ୍ ଅଜିତ କୁମାର ପଟ୍ଟନାୟକ, ଜିଲାଜଜ୍ ସରୋଜ କୁମାର ସାହୁ, ଅବସରପ୍ରାପ୍ତ ପ୍ରିନ୍ସିପାଲ୍ ହରେକୃଷ୍ଣ କର, ଅଜୟ କୁମାର ମିଶ୍ର, ଧର୍ମାନନ୍ଦ ପୃଷ୍ଟି, ପ୍ରକାଶ ଚନ୍ଦ୍ର ନନ୍ଦ, ଅବସରପ୍ରାପ୍ତ ଡିଏଫଓ ନୀଳମଣି ମହାରଣା, ସାମାଜିକକର୍ମୀ ଗଗନ ବିହାରୀ ନନ୍ଦ, ଅବସରପ୍ରାପ୍ତ ଗ୍ରାମ୍ୟ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ ଦିବାକର ନାୟକ, ସୁବାସ ଚନ୍ଦ୍ର ଶତପଥୀଙ୍କ ସମେତ ୧୨ ଜଣ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର, ଆଇନ୍ ପ୍ରଫେସର ଓ ଓଡ଼ିଶା ଜୁଡିସିଆଲ ଏକାଡେମୀର ଫାକଲ୍ଟି ମେମ୍ବର ଶିଶିର କୁମାର ପ୍ରଧାନଙ୍କ ସମେତ ପ୍ରାୟ ୮୦ ଜଣ ନୂତନ ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ସଂଘର ନିୟମାବଳୀ (ବାଇଲ)କୁ ପୂର୍ଣ୍ଣ ଭାବରେ ଆଲୋଚନା କରି ଗୃହୀତ କରାଗଲା। ଏହି ଅବସରରେ ନୂତନ କର୍ମକର୍ତ୍ତା ଓ ମୁଖ୍ୟ ଉପଦେଷ୍ଟା କାର୍ଯ୍ୟଭାର ଗ୍ରହଣ କଲେ। ସଭାପତି ଭାବେ ଅବସରପ୍ରାପ୍ତ ଜିଲା ଜଜ୍ ଦୁର୍ଗାଚରଣ ମିଶ୍ର, ଓଡ଼ିଶା ସରକାରଙ୍କ ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଗୁଣଧର ମିଶ୍ରଙ୍କୁ ସମ୍ପାଦକ, ଭାରତୀୟ ସ୍ଥଳ ସେନାର ପୂର୍ବତନ କର୍ଣ୍ଣେଲ ଅନନ୍ତ ଚରଣ ବେହେରାଙ୍କୁ କାର୍ଯ୍ୟକାରୀ ସଭାପତି, ନାଲକୋର ପୂର୍ବତନ ଡିଜିଏମ୍ ଭାଗିରଥୀ ମହାପାତ୍ର ଅତିରିକ୍ତ ସମ୍ପାଦକ ଦାୟିତ୍ୱ ଗ୍ରହଣ ପାଇଁ ମନୋନୀତ କରାଯାଇଥିଲା। ସେହିପରି ବିନାୟକ ଶତପଥୀଙ୍କୁ ସହକାରୀ ସମ୍ପାଦକ, ଶିକ୍ଷାବିତ୍ ଡ. ସୁସନ୍ଧ୍ୟା ମହାନ୍ତି, ପୂର୍ବତନ ଭିଜିଲାନ୍ସ ଏସ୍‌ପି ଅକ୍ଷୟ କୁମାର ସାହୁ, ପୂର୍ବତନ ଏସ୍‌ପି ଶରତ କୁମାର ସାହୁ, ସାମାଜିକକର୍ମୀ ଯୋଗୀନାଥ ମହାନ୍ତି, କବି ବାହାଦୂର ପାଟସାହାଣୀ, ଶିକ୍ଷାବିତ ଶଶାଙ୍କ ଶେଖର ରଥ, ପୂର୍ବତନ ଜିଲା ପ୍ରାଣୀଧନ ଅଧିକାରୀ ମୋହିତ କୁମାର ଦାଶ ଓ ପୂର୍ବତନ ଆଇନ୍ ପ୍ରଫେସର ଶିଶିର କୁମାର ପ୍ରଧାନ ପ୍ରମୁଖ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ପ୍ରଫେସର ନିତ୍ୟାନନ୍ଦ ମିଶ୍ର, ସମାଜସେବୀ ପ୍ରଶାନ୍ତ ମିଶ୍ର, ସାମାଜିକକର୍ମୀ ଯୋଗେନ୍ଦ୍ର ନାଥ ତ୍ରିପାଠୀ, ପୂର୍ବତନ ମୁଖ୍ୟଯନ୍ତ୍ରୀ ଆଦିତ୍ୟ ସର, ପୂର୍ବତନ ଜିଲାଜଜ୍ ଅଜିତ କୁମାର ପଟ୍ଟନାୟକ ଓ ସରୋଜ ସାହୁ, ପୂର୍ବତନ ପ୍ରିନ୍ସିପାଲ୍ ହରେକୃଷ୍ଣ କର, ଅଜୟ କୁମାର ମିଶ୍ର, ଗଗନ ନନ୍ଦ, ଭାରତୀୟ ସେନାର ପୂର୍ବତନ କ୍ୟାପଟେନ୍ ଅଶ୍ୱିନୀ କୁମାର ବରାଳ, ପୂର୍ବତନ ବରିଷ୍ଠ ବ୍ୟାଙ୍କ ଅଧିକାରୀ ପ୍ରମୋଦ ପ୍ରସାଦ ନନ୍ଦ ଓ ପୂର୍ବତନ ବନଖଣ୍ଡ ଅଧିକାରୀ ନୀଳମଣି ମହାରଣା ପ୍ରଭୃତି ମୁଖ୍ୟ ପରାମର୍ଶଦାତା ବୋର୍ଡର ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ଦିବାକର ନାୟକଙ୍କୁ ମୁଖ୍ୟ ସଂଘ ସମ୍ପ୍ରସାରଣ ଅଧିକାରୀ ଏବଂ ୧୦ଜଣ ସମ୍ପ୍ରସାରଣ ଅଧିକାରୀଙ୍କୁ ମନୋନୀତ କରାଯାଇଛି।





ବରିଷ୍ଠ ନାଗରିକ ପରିଷଦର ବୈଠକ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ୩ ସେପ୍ଟେମ୍ବର /୨୦୧୯, Dhenkanal, Tuesday September 3 / 2019

## ସଂକ୍ଷେପରେ

### ନିଖୋଜ ଯୁବତୀ ଉଦ୍ଧାର

**ବଇଣ୍ଡା,୨।୯(ଡି.ଏନ.ଏ):**
ଗତ ୨୯ ତାରିଖରେ କିଶୋରନଗର ବ୍ଲକ ବଇଣ୍ଡା ଛକରୁ ନିଖୋଜ ହୋଇଯାଇଥିବା ହଣ୍ଡପା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ସୋମବାର ପୋଲିସ ଉଦ୍ଧାର କରିଛି। ପରେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ କହିଛି, ଯୁବତୀ ଜଣକ ବଇଣ୍ଡା ଅଞ୍ଚଳର ଏକ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇ ନିଖୋଜ ହୋଇଯାଇଥିବା ଘର ଲୋକେ ଥାନାରେ ଅଭିଯୋଗ କରିଥିଲେ। ହେଲେ ଉକ୍ତ ଯୁବତୀ ଜଣକ ବନ୍ତଲା ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ବିବାହ କରି ସୋମବାର ହଣ୍ଡପା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ବିବାହ ପଞ୍ଜୀକରଣ ଯାଞ୍ଚ କରିବା ପରେ ଯୁବତୀଙ୍କ ପରିବାର ଲୋକଙ୍କୁ ଡାକି ତାଙ୍କୁ ହସ୍ତାନ୍ତର କରିଛି।

### ଶିଶୁ ବିଦ୍ୟାମନ୍ଦିରରେ ଗଣେଶ ପୂଜା

**ଅନୁଗୋଳ ଅଫିସ, ୨।୯:**
ଅନୁଗୋଳ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ଗଣେଶ ପୂଜା ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା ସମିତି କାର୍ଯ୍ୟକର୍ତ୍ତା ତଥା ଶିକ୍ଷା ବିକାଶ ସମିତି ଓଡ଼ିଶାର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ, ସହ ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ରଥ ଓ ବରିଷ୍ଠ ଆଚାର୍ଯ୍ୟ ଜିତେନ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ପୂଜା ପାଳିତ ହୋଇଯାଇଛି।

### ଧର୍ମ ପରାୟଣା ମହିଳାଙ୍କ ପରଲୋକ

**କଣିହାଁ,୨।୯(ଡି.ଏନ.ଏ):**
କଣିହାଁ ବ୍ଲକ ସାରଥିପାଳ ଗ୍ରାମର ଧର୍ମ ପରାୟଣା ମହିଳା ପଦ୍ମାବତୀ ପ୍ରଧାନଙ୍କ ସୋମବାର ପରଲୋକ ହୋଇଛି। ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ସେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ କଣିହାଁ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର

**ଢେଙ୍କାନାଳ ଅଫିସ,୨।୯:**
ଢେଙ୍କାନାଳ ଜିଲା ଗଁଦିଆ ଥାନା ସୋରିଷିଆପଦା ପଞ୍ଚାୟତର ଢୋଲପଥର ଜଙ୍ଗଲରୁ ସୋମବାର ଏକ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଛି । ମୃତଦେହ ମୁହଁରେ ଗଭୀର କ୍ଷତଚିହ୍ନ ଥିବା ବେଳେ ତାଙ୍କ ପରିଚୟ ମିଳିପାରି ନାହିଁ। ସେ କଳା ରଙ୍ଗର ହାଫ୍ ପ୍ୟାଣ୍ଟ୍ ପିନ୍ଧିଥିବା ବେଳେ ବାମ ଗୋଡରେ ଚପଲ ଥିବା ଦେଖାଯାଇଛି । ତାଙ୍କୁ କେହି ହତ୍ୟା କରି ଜଙ୍ଗଲରେ ପକାଇଦେଇ ପଳାଇଥିବା ପୋଲିସ ସନ୍ଦେହ କରୁଛି । ଗଁଦିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଝଲସୁଛି କୋଇଲା ନଗରୀ ତାଳଚେର

# ପୂଜା ପାଇଲେ ଅଗ୍ରପୂଜ୍ୟ ଗଣନାଥ

**ତାଳଚେର,୨।୯(ନି.ପ୍ର.)**



ତାଳଚେରର ଗଣପର୍ବ ଭାବେ ବିଦିତ ଅଗ୍ରପୂଜ୍ୟ ଗଣନାଥଙ୍କ ପୂଜା ସୋମବାର ଠାରୁ ସହରରେ ବହୁ ଆଡମ୍ବରରେ ଆରମ୍ଭ ହୋଇଛି। ଏହା ୧୩ ଦିନ ଧରି ଅନୁଷ୍ଠିତ ହେବ। ୫୦ ଦଶକରେ ବଡବଜାର ଛକରୁ ଆରମ୍ଭ ହୋଇଥିବା ଏହି ପୂଜା ଏବେ ସହରର ୬୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ଧୁମ୍‌ଧାମ୍‌ରେ ପାଳନ ହେଉଛି। ହେଲେ ସମୟ ସହିତ ତାଳଦେଇ ବଦଳି ଯାଇଛି ପୂଜାର ପରିପାଟୀ। ରଙ୍ଗିନ ତୋରଣ, ଆଲୋକମାଳା ଓ ଆକର୍ଷଣୀୟ ପ୍ରତିମୂର୍ତ୍ତି ପାଇଁ ଲକ୍ଷ ଲକ୍ଷ ଟଙ୍କା କମିଟିଗୁଡ଼ିକ ପକ୍ଷରୁ ଖର୍ଚ୍ଚ କରାଯାଉଛି। ସେହିପରି ଭସାଣିକୁ ମଧ୍ୟ ଆହୁରି ଆଡମ୍ବରପୂର୍ଣ୍ଣ କରାଯାଉଛି। ତଥାପି ସଂସ୍କୃତି, ପରମ୍ପରାର ଝଲକ ଏବେ ବି କୋଇଲା ନଗରୀରେ ଦେଖିବାକୁ ମିଳୁଛି।

ଚଳିତବର୍ଷ ପୁରୁଣାପୋଷ୍ଟ ଅଫିସ ଠାରୁ ହାଣ୍ଡିଧୂଆଁଛକ ପର୍ଯ୍ୟନ୍ତ ୫କିମି ବ୍ୟାପୀ ଅଞ୍ଚଳରେ ପ୍ରଭୁ ଗଜାନନଙ୍କ ପୂଜା ଅନୁଷ୍ଠିତ ହେଉଛି। ମଣ୍ଡପଗୁଡ଼ିକରୁ ଭାସି ଆସୁଥିବା ସୁମଧୁର ଭଜନ ଓ ବେଦ ଧ୍ୱନିରେ ସମଗ୍ର ସହରରେ ଏକ ଆଧାତ୍ମିକ ବାତାବରଣ ଖେଳିଯାଇଛି। ପୁରୁଣାପୋଷ୍ଟ ଅଫିସ, ବଡଦାଣ୍ଡ ସାହି, ହିଙ୍ଗୁଳା କ୍ଲବ, ସିଂହସାହି, ବଡବଜାର, ନୂଆବଜାର, ମହାରଣା ସାହି, ମ୍ୟୁନିସିପାଲଟି ବଜାର, ବାପୁଜୀନଗର, କିଶୋରଗଞ୍ଜ ପାଟଣା, ହନୁମାନପଡା, ରାମଚନ୍ଦ୍ର ବଜାର, ପାଟଣାସାହି, କାରିଗରପଡ଼ା, ବଉଳଛକ, କୁମ୍ଭାରସାହି, ଭୈରବୀ ସାହି, ଅରାସାହି, ମାରୁୱାଡ଼ିପଟି, ନୂଆବସଷ୍ଟାଣ୍ଡ, ବାଇପାସ, ପଶ୍ଚିମେଶ୍ୱର ବଜାର, ହାଟତୋଟା କଳିଙ୍ଗ ମାର୍କେଟ, ତାମ୍ରିତ ମାର୍କେଟ, ଆଇଟିଆଇ ଛକ, ଲିଙ୍ଗରାଜ ରୋଡ, ଶର୍ମାଛକ, ହାଣ୍ଡିଧୂଆଁ ଛକ ସମେତ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ପୂଜା ପାଉଛନ୍ତି ବିଘ୍ନବିନାଶନ। ସୁଉଚ୍ଚ ଲାଇଟ ତୋରଣ, ଭିନ୍ନ ଭିନ୍ନ ମନଲୋଭା ମୂର୍ତ୍ତି ସହ ସାମାଜିକ, ପୌରାଣିକ କଥାବସ୍ତୁକୁ ନେଇ ମଣ୍ଡପଗୁଡ଼ିକୁ ଅଧିକ ଆକର୍ଷଣୀୟ କରାଯାଇଛି। ସେହିପରି ପୂଜା ପାଇଁ ଉଠାଦୋକାନୀ, ମିନାବଜାର, ଫାଷ୍ଟଫୁଡ ଷ୍ଟଲ, କଟକର ଦହିବରା, ଠୁଙ୍କାପୁରୀ, ଚାର୍ଟ, ଗୁପଚୁପ, ଦୋଳି ଆଦିରେ ସହର ଭର୍ତ୍ତି ହୋଇଯାଇଛି।

ବ୍ଲକ ଅଫିସ ନିକଟରେ ପ୍ରଥମ ଥର ପାଇଁ ପଲ୍ଲିଶ୍ରୀମେଳାର ଆୟୋଜନ କରାଯାଇଛି। ତାଳଚେରବାସୀ, ବିଭିନ୍ନ ପୂଜା କମିଟି, ଆଖପାଖ ଗ୍ରାମବାସୀ ବେଶ୍ ଉତ୍ସାହିତ ହୋଇ ପଡିଛନ୍ତି। ଏଥିସହ ବିଭିନ୍ନ ଅନୁଷ୍ଠାନ, ସ୍କୁଲ, କଲେଜ ଓ ଗ୍ରାମରେ ମଧ୍ୟ ପୂଜା ପାଳିତ ହେଉଛି। ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅତିରିକ୍ତ ଏସ୍‌ପିଙ୍କ ସମେତ ୨ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର, ୪୫ ଅଫିସର, ୧୦୦ କନଷ୍ଟେବଲ, ୧୩୫ ହୋମଗାର୍ଡ, ୮ ପ୍ଲାଟୁନ ଫୋର୍ସଙ୍କୁ ନିୟୋଜିତ କରାଯାଇଛି। ତାଳଚେର ଥାନାରେ ଏକ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ୬ଜଣ ମାଜିଷ୍ଟ୍ରେଟ ପୋଲିସ ସହ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ପୂଜାକୁ ଶୃଙ୍ଖଳିତ କରିବାକୁ ଉଦ୍ୟମ ଚଳାଇଛନ୍ତି। ୪ଟି ଅସ୍ଥାୟୀ ଆଉଟପୋଷ୍ଟ ମଧ୍ୟ ଖୋଲାଯାଇଛି। ଟ୍ରାଫିକ ବ୍ୟବସ୍ଥାକୁ ସୁବନ୍ଦୋବସ୍ତ କରିବା ନିମନ୍ତେ ସ୍ୱତନ୍ତ୍ର ଭାବେ ଜଣେ ଇନ୍ସପେକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଛି।

### ୧୦ ଦିନ ତଳୁ ଆସିଛି ବଦଳି ଚିଠି, ଛୁଟି ଦିନରେ ପ୍ରଘଟ

# ବଦଳିବେ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ

**ଅନୁଗୋଳ ଅଫିସ, ୨।୯**




ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନାଙ୍କ ବଦଳି ହୋଇଛି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି ନଂ ୧୫୨୬୪/୨୨.୮.୨୦୧୯ରେ ଏହି ବଦଳି ନିର୍ଦ୍ଦେଶ ଦିଆଯାଇଥିବା ସୋମବାର ଜଣାପଡ଼ିଛି। ତେବେ ୧୦ ଦିନ ତଳୁ ଏହି ଚିଠି କରାଯାଇଥିଲେ ବି ଆଜି ଯାଏ ଏହା କେଉଁଠି ଥିଲା ତାହା ଚର୍ଚ୍ଚାର ବିଷୟ ହୋଇଛି।

ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନାଙ୍କୁ ବଦଳି ପାଇଁ ଫେବୃୟାରୀ ୧୧ରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିଥିଲା। ତାଙ୍କୁ ଯାଜପୁର ଜିଲା ବ୍ୟାସନଗର ପୌରପାଳିକାକୁ ବଦଳି କରାଯାଇଥିଲା। ହେଲେ ଜେନା ଫେବୃୟାରୀ ୧୩ରେ ହାଇକୋର୍ଟରେ ଷ୍ଟେ ଆବେଦନ କରିଥିଲେ। ମାତ୍ର ୬ ମାସ ହେବ ଅନୁଗୋଳ ଆସିଥିବା କହି ଷ୍ଟେ ଅର୍ଡର ଆଣିଥିଲେ। କିନ୍ତୁ ଅଗଷ୍ଟ ୨୨ରେ ତାଙ୍କ ଷ୍ଟେ ଆବେଦନକୁ ଅଦାଲତ ଖାରଜ କରି ଦେବା ସହ ବଦଳି ସ୍ଥାନରେ ତୁରନ୍ତ ଯୋଗ ଦେବାକୁ ଚିଠିରେ ନିର୍ଦ୍ଦେଶ ରହିଥିବା ଉଲ୍ଲେଖ କରାଯାଇଛି। ୧୦ ଦିନ ପୂର୍ବରୁ ଆସିଥିବା ଏହି ଚିଠି ସମ୍ପର୍କରେ ପୌର କାର୍ଯ୍ୟାଳୟର ଅଧିକାରୀ କିମ୍ବା ଜିଲାପାଳ କୌଣସି ସୂଚନା ପାଇ ନ ଥିଲେ। ସୋମବାର ଏହି ଚିଠି ପ୍ରଘଟ ହୋଇଛି। ତୁରନ୍ତ ବ୍ୟାସନଗର ଯାଇ କାର୍ଯ୍ୟରେ ଯୋଗଦେବାକୁ ଚିଠିରେ ଜେନାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଅନୁଗୋଳ ପୌରପାଳିକାରେ ଥିବା ଯନ୍ତ୍ରୀ ସୀମାଞ୍ଚଳ ମିଶ୍ରଙ୍କ ବଦଳି ପାଇଁ ଜିଲାପାଳ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିବାରୁ କେଉଁ ମୁହୂର୍ତ୍ତରେ ତାଙ୍କର ମଧ୍ୟ ବଦଳି ହୋଇଯାଇପାରେ। ଏ ସମ୍ପର୍କରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ। ତେବେ ପୌରନିର୍ବାହୀ ଅଧିକାରୀ ଜେନା କହିଛନ୍ତି, ଚିଠି ସମ୍ପର୍କରେ କିଛି ଜାଣିନାହିଁ। ବଦଳି ହୋଇଥିଲେ ନିଶ୍ଚିତ ଯିବି। ଛୁଟି ଥିବାରୁ ମୋ ନିକଟକୁ କୌଣସି ବଦଳି ନିର୍ଦ୍ଦେଶ ଆସି ନ ଥିବା ସେ କହିଛନ୍ତି।

## ବଇଣ୍ଡାରେ ହିରୋ ଶୋ'ରୁମ୍ ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୨।୯**

ଅନୁଗୋଳ ଜିଲା ଆଠମଲ୍ଲିକ ରୋଡ୍ ବଇଣ୍ଡା ଠାରେ ହିରୋର ଏକ ଅତ୍ୟାଧୁନିକ ୱାର୍କଶପ୍ ଓ ନୂତନ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଠାକୁରଗଡ଼ ଅଞ୍ଚଳର ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ସିଭିଲ୍ ଇଞ୍ଜିନିୟର ପ୍ରହ୍ଲାଦ ଗଡନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ବଇଣ୍ଡା ଅଞ୍ଚଳରେ ଏହା ପ୍ରଥମ ବାଇକ୍ ଶୋରୁମ୍ ତଥା ୱାର୍କଶପ୍। ଏହି ଅବସରରେ ସ୍ୱତ୍ୱାଧିକାରୀ ଅଜୟ ଅଗ୍ରୱାଲା ଓ ଦିନେଶ ଅଗ୍ରୱାଲା ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ହିରୋର ସମସ୍ତ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଏହି ଶୋ'ରୁମ ଓ ୱାର୍କଶପ ପ୍ରତିଶ୍ରୁତିବଦ୍ଧ ବୋଲି ସ୍ୱତ୍ୱାଧିକାରୀ ପ୍ରକାଶ କରିଛନ୍ତି।


ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ଶୋ ରୁମ୍।

## ଦୁର୍ଘଟଣାରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

**ଭାପୁର, ୨।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁର ବଜାରରେ ଔଷଧ ଦୋକାନ କରିଥିବା ଶ୍ରୀନିବାସ ଗୋଛି(୩୫)ଙ୍କ ରବିବାର ରାତିରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଶ୍ରୀନିବାସ ରାତିରେ ଦୋକାନ ବନ୍ଦ କରି ବାଇକ୍‌ରେ ଆଠଗଡ ଥାନା ବାସୁଦେବପୁର ସ୍ଥିତ ନିଜ ଘରକୁ ଫେରୁଥିବାବେଳେ ଉତ୍ତରେଶ୍ୱର ମନ୍ଦିର ନିକଟ ପୁରୁଣା କଟକ ସମ୍ବଲପୁର ରାସ୍ତାର ଏକ ଗଛରେ ପିଟି ହୋଇଯାଇଥିଲେ। ପରିବାର ଲୋକେ ଆଠଗଡ ମେଡିକାଲରେ ଭର୍ତ୍ତି କରିଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ୍ (ନଂ. ଓଆର ୦୫ ଏଫ୍ ୩୧୯୦) ଟିକୁ ପୋଲିସ ଜବତ କରି ଏକ ମାମଲା ରୁଜୁ କରିଛି। ଶ୍ରୀନିବାସଙ୍କ ମୃତ୍ୟୁରେ ଭାପୁର ବଜାର କମିଟି ତରଫରୁ ସୋମବାର ବଜାର ବନ୍ଦ କରାଯାଇଥିଲା। ଏଥିସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇ ମୃତଦେହକୁ ବଜାରଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା।

# ବିଘ୍ନ ବିନାଶକଙ୍କ ଆରାଧନା


ବଇଣ୍ଡା ସାପ୍ତାହିକ ହାଟ ପଡିଆ ନିକଟରେ ହୋଇଥିବା ପୂଜା ମଣ୍ଡପ।

**ବଇଣ୍ଡା/ଛେଣ୍ଡିପଦା/ବନ୍ତଲା/କଣିହାଁ, ୨।୯(ଡି.ଏନ.ଏ)(ସ୍ୱ.ପ୍ର)**

ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ବିଭିନ୍ନ ସ୍ଥାନରେ ପ୍ରଭୁ ବିଘ୍ନ ବିନାଶକଙ୍କ ପୂଜା ଧୁମଧାମରେ ପାଳିତ ହୋଇଯାଇଛି। କିଶୋରନଗର ବ୍ଲକ ବଇଣ୍ଡା ଛକର ଭଗବତୀ କ୍ଲବ, ଫ୍ରେଣ୍ଡସ କ୍ଲବ, କଦଳୀମୁଣ୍ଡା, ନାଇସ ଇନଷ୍ଟିଚ୍ୟୁଟ୍, ଜନତା କଲେଜ, ସାଇନ୍ସ ପଏଣ୍ଟ, କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ, ବିଡିସିଙ୍ଗ ଆଦି ଗ୍ରାମରେ ପୂଜା ଅନୁଷ୍ଠିତ ହୋଇଛି। ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜାମଣ୍ଡପ ଗୁଡ଼ିକ ଝଲସି ଉଠିଛି। ଗାଁ ଗହଳି ଚଳଚଞ୍ଚଳ ହୋଇପଡ଼ିଛି। ରଞ୍ଜନ ପ୍ରଧାନ, ସୁନୀଲ ପ୍ରଧାନ, ପଙ୍କଜ ପ୍ରଧାନ, ଅରବିନ୍ଦ ପ୍ରଧାନ ପ୍ରମୁଖ ପୂଜା ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଛେଣ୍ଡିପଦା ବ୍ଲକ ଖମାର ଗ୍ରାମରେ ୧୬ଟି ଓ ବାଗଡିଆ ଗ୍ରାମର ୯ଟି ପୂଜା ମଣ୍ଡପରେ ଗଣେଶ ପୂଜା ପାଳିତ ହୋଇଛି। ଆକର୍ଷଣୀୟ ପୂଜାମଣ୍ଡପ ସହ ତୋରଣ ସବୁ ରଙ୍ଗିନ ଆଲୋକମାଳାରେ ସଜେଇ ହୋଇଛି। ସନ୍ଧ୍ୟାରେ ସଂକୀର୍ତ୍ତନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଛେଣ୍ଡିପଦା ବ୍ଲକର ପାତ୍ରପଡା, ନୂଆଗାଁ, କଣଲୋଇ, ଛେଣ୍ଡିପଦା, ଜରପଡା, ତୁକୁଡା, ବାଲିପଟା, କୋଶଳା, ଜିନ୍ଦଲ ଆଦି ସ୍ଥାନରେ ଗଣନାଥଙ୍କ ପୂଜା ପାଳିତ ହୋଇଯାଇଛି। ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମରେ ଗଜାନନଙ୍କ ଉତ୍ସବ ଧୁମଧାମରେ ପାଳିତ ହୋଇଛି। ସଡ଼କ ସାହି, ମଣ୍ଡପ ସାହି, ଦେହୁରୀ ସାହି, ହାଇସ୍କୁଲ ସାହି, ମଝି ପାଟଣା ସାହି, ପାଟଣା ସାହି, ବଡ଼ ସ୍କୁଲ, ପାଟଣା ସାହି ସ୍କୁଲ, ପ୍ରଧାନ ସାହି, ଡିପ ସାହି, ବାରିକ ସାହି ଆଦି ସ୍ଥାନରେ ଗଜାନନଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି। ବିଭିନ୍ନ ପୂଜା ମଣ୍ଡପଗୁଡ଼ିକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜାଯାଇଛି। ସୋମବାର ମଣ୍ଡପ ସାହିରେ ୫ ହଜାର ଗ୍ରାମବାସୀଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ସେହିପରି କଣିହାଁ ବ୍ଲକ ଅଞ୍ଚଳରେ ପ୍ରଭୁ ଗଣେଶଙ୍କ ପାଳିତ ହୋଇଛି। ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ନାମ ସଂକୀର୍ତ୍ତନ ଆୟୋଜନ କରାଯାଇଛି। ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ସହଯୋଗ କରୁଛନ୍ତି।


ବନ୍ତଲା ମଣ୍ଡପସାହି ପୂଜା ମଣ୍ଡପ।


କଣିହାଁର ଏକ ପୂଜା ମଣ୍ଡପ।


ଛେଣ୍ଡିପଦା ବାଗଡିଆ ଆନନ୍ଦ କଲ୍ୟାଣ ମଣ୍ଡପ।



ସତ୍ୟମେବ ଜୟତେ
'ନୂଆଖାଇ' –୨୦୧୯ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ; ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)


ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଖାଇ ଜୁହାର୍

ପଶ୍ଚିମ୍ ଓଡ଼ିଶାର୍ ଭାଏ ବହେନ୍ ମାନ୍‌କୁ ମୋର୍ ନୂଆଖାଇ ଜୁହାର୍ । ମା ସମ୍‌ଲେଶ୍ୱରୀଙ୍କ ଦୟାରୁ ଆପଣ ମାନ୍‌ଙ୍କର୍ କୁଟୁମ୍ବ, ପିଲାଛୁଆ ସଭେ ଭଲ୍‌ରେ ରହନ୍ । ଚାଷ୍‌ବାସ୍, ବେପାର୍ ବାଡି ସବୁ ଭଲ୍‌ରେ ହଉ । ଇଟା ମୋର୍ କାମନା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା


'ନୂଆଖାଇ' – ୨୦୧୯ ଅବସରରେ
ବାର୍ତ୍ତା

କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଉପଲକ୍ଷେ ମୁଁ ପଶ୍ଚିମ ଓଡ଼ିଶାର ସମସ୍ତ ଭାଇଭଉଣୀ ତଥା ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସଂପ୍ରୀତି ଓ ସମୃଦ୍ଧିର ଏହି ଲୋକପର୍ବରେ ଆରାଧ୍ୟା ଦେବୀ ମା' ସମଲେଇ ସମସ୍ତଙ୍କୁ କୃପା କରନ୍ତୁ, ଧରିତ୍ରୀ ମା' ଶସ୍ୟ ଶ୍ୟାମଳା ହେଉ, କୃଷକମାନେ ସଶକ୍ତ ହୁଅନ୍ତୁ ଏବଂ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଉଲ୍ଲାସ ଭରିଯାଉ, ଏହାହିଁ କାମନା କରୁଛି ।

ରଘୁନନ୍ଦନ ଦାସ
(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-22
15001/13/0033/1920


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ